

Odia Daily
www.theutkalsamachar.com
# ଉତ୍କଳ ସମାଚାର
ବୈପ୍ଳବିକ ଚେତନାର ମୁଖପତ୍ର
THE UTKAL SAMACHAR
PUBLISHED FROM ROURKELA, SAMBALPUR & BHUBANESWAR



Vol - 22 ✦ Issue No:91 ✦ 24 July 2026 (Friday) ✦ Rourkela ✦ Rs.2.00 ✦ Page -1 ✦ ୨୨ ବର୍ଷ ✦ ସଂଖ୍ୟା:୯୧ ✦ ୨୪ ଜୁଲାଇ ୨୦୨୬ (ଶୁକ୍ରବାର) ✦ ରାଉରକେଲା ✦ ମୂଲ୍ୟ:ଟ.୨.୦୦ ✦ ପୃଷ୍ଠା-୬

## ଚଳିତ ସପ୍ତାହରେ ଇରାନ ଏବଂ ଆମେରିକା ମଧ୍ୟରେ ବଡ଼ ଧରଣର ଯୁଦ୍ଧ ଆଶଙ୍କା !



ତେହେରାନ,୨୩/୭ : ଇରାନ ଏବଂ ଆମେରିକା ମଧ୍ୟରେ ଏକ ବିନାଶକାରୀ ଯୁଦ୍ଧ ଘନେଇବାରେ ଲାଗିଛି । ଗତ କିଛି ଘଣ୍ଟା ମଧ୍ୟରେ ଅନେକ ଘଟଣା ଘଟିଛି, ଯାହା ମଧ୍ୟପ୍ରାଚ୍ୟରେ ବିନାଶର ଆଶଙ୍କାକୁ ବୃଦ୍ଧି କରିଛି । ଡୋନାଲ୍ଡ ଟ୍ରମ୍ପ ପୂର୍ବରୁ ଧମକ ଦେଇଥିଲେ ଯେ, ଯଦି ଇରାନ ହର୍ମୁଜ୍ ପ୍ରଣାଳୀରେ ଆକ୍ରମଣ କରେ, ତେବେ ଆମେରିକୀୟ ସେନା ଇରାନ ଭିତରେ ସେତୁ ଏବଂ ପାୱାର ପ୍ଲାଣ୍ଟକୁ ଉଡ଼ାଇ ଦେବ । ଏହା ପରେ, ଇରାନ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକ ଉପରେ ବଡ଼ ଧରଣର କ୍ଷେପଣାସ୍ତ୍ର ଆକ୍ରମଣ କରିବାକୁ ମଧ୍ୟ ଚେତାବନୀ ଦେଇଛି । ଆମେରିକା ଇସ୍ରାଏଲକୁ ଜଣାଇଛି ଯେ, ଇରାନ ଭିତରେ ଆକ୍ରମଣକୁ ଜୋରଦାର୍ କରିବାକୁ ଯୋଜନା କରାଯାଉଛି । ଘମାଘୋଟ ଯୁଦ୍ଧ ଆଶଙ୍କା ମଧ୍ୟରେ ବ୍ରିଟେନ୍ ତେହେରାନରେ ଥିବା ନିଜର ଦୂତାବାସକୁ ଖାଲି କରିଦେଇଛି । ଏହା ସହ ତେହେରାନ ଛାଡ଼ିବାକୁ ନିଜ ନାଗରିକମାନଙ୍କୁ ନିର୍ଦ୍ଦେଶ ଜାରି କରିଛି । ସୁରକ୍ଷା ଦୃଷ୍ଟିରୁ ଏଭଳି ଅସ୍ଥାୟୀ ଭାବେ କରାଯାଉଥିବା ବ୍ରିଟେନ୍‌ର ବୈଦେଶିକ ମନ୍ତ୍ରଣାଳୟ କହିଛି । ଇସ୍ରାଏଲୀ ଖବରକାଗଜ ୱାଇନେଟ୍ ନ୍ୟୁଜ୍ ରିପୋର୍ଟ କରିଛି ଯେ, ଚଳିତ ସପ୍ତାହରେ ପରିସ୍ଥିତି ବହୁତ ଖରାପ ହେବାର ଆଶଙ୍କା କରାଯାଉଛି । ଇସ୍ରାଏଲ ଆଉ ଏକ ଆକ୍ରମଣ ପାଇଁ ପ୍ରସ୍ତୁତ ହୋଇସାରିଛି । ରିପୋର୍ଟ ଅନୁଯାୟୀ, ଇସ୍ରାଏଲୀ ପ୍ରତିରକ୍ଷା ବାହିନୀକୁ ସତର୍କ ମୋଡ୍‌ରେ ରଖାଯାଇଛି । ଇସ୍ରାଏଲ ବର୍ତ୍ତମାନ ଚାଲିଥିବା ଯୁଦ୍ଧରେ ସାମିଲ ନାହିଁ କି ଇରାନ ଉପରେ ଆକ୍ରମଣ କରୁନାହିଁ, କିନ୍ତୁ ଯଦି ଯୁଦ୍ଧ ହୁଏ, ତେବେ ଇସ୍ରାଏଲ ଏଥିରେ ସାମିଲ ହୋଇପାରେ । ରିପୋର୍ଟ ଅନୁଯାୟୀ, ଇସ୍ରାଏଲୀ ପ୍ରତିରକ୍ଷା ବାହିନୀ ଆକ୍ରମଣ ଆରମ୍ଭ କରିବା ଏବଂ ପ୍ରତିରୋଧ କରିବା ପାଇଁ ସେମାନଙ୍କର କ୍ଷମତାକୁ ବୃଦ୍ଧି କରୁଛନ୍ତି । ଇସ୍ରାଏଲ ଆମେରିକା ସହ ଲଗାତାର ଯୋଗାଯୋଗରେ ଅଛି । ବରିଷ୍ଠ ଇସ୍ରାଏଲୀ ଅଧିକାରୀଙ୍କ ଅନୁସାରେ କହିଛନ୍ତି, ଆଗାମୀ ଦିନରେ ପରିସ୍ଥିତି କିପରି ହେବ ତାହା ଟ୍ରମ୍ପଙ୍କ ଉପରେ ନିର୍ଭର କରୁଛି । ଜେରୁସାଲେମ ହ୍ୱାଇଟ୍ ହାଉସର ନିଷ୍ପତ୍ତିଗୁଡ଼ିକୁ ନିକଟରୁ ନଜର ରଖିଛି ଏବଂ ଯେକୌଣସି ପରିସ୍ଥିତି ପାଇଁ ପ୍ରସ୍ତୁତ ହେଉଛି । ଯଦି ଟ୍ରମ୍ପ ଏହି ଅଭିଯାନକୁ ଜୋରଦାର୍ କରିବାକୁ ନିଷ୍ପତ୍ତି ନିଅନ୍ତି, ତେବେ ହେବାକୁଥିବା ଇରାନର ପ୍ରତିଶୋଧମୂଳକ ଆକ୍ରମଣ ପାଇଁ ଇସ୍ରାଏଲ ପ୍ରସ୍ତୁତ ରହିବ । ଅନ୍ୟପକ୍ଷରେ, ଯଦି ଆମେରିକାର ଚାପ ଏକ ଅସ୍ଥାୟୀ ଅସ୍ତ୍ରବିରତି କିମ୍ବା ଶାନ୍ତି ଆଲୋଚନା ପୁଣି ଆରମ୍ଭ କରିବ, ତେବେ ପରିସ୍ଥିତିକୁ ଆହୁରି ସଙ୍କଟଜନକ ହେବାରୁ ରୋକାଯାଇପାରିବ । ୱାଇନେଟ୍ ନ୍ୟୁଜ୍ ଦାବି କରିଛି ଯେ, ଆମେରିକା ପକ୍ଷରୁ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ପ୍ରଶାସନକୁ ସୂଚନା ଦିଆଯାଇଛି ଯେ, ଇରାନ ଉପରେ ଆକ୍ରମଣ ଜୋରଦାର୍ ହେବାକୁ ଯାଉଛି ।

## ୪ ମାସରେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି

### ବଢ଼ିବ ଦ୍ୱିପାକ୍ଷିକ ବ୍ୟବସାୟ



ନୂଆଦିଲ୍ଲୀ,୨୩/୭: ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ଆଗାମୀ ୩ରୁ ୪ ମାସ ମଧ୍ୟରେ ସ୍ୱାକ୍ଷର ହୋଇପାରେ । ଲମ୍ବା ସମୟ ଧରି ଏହାକୁ ନେଇ ଅପେକ୍ଷା ରହିଥିବାବେଳେ ଆଜି ଏହା ଉପରେ ବଡ଼ ଅପଡେଟ୍ ମିଳିଛି । ଉଭୟ ପକ୍ଷ ମଧ୍ୟରେ ଆଲୋଚନା ପ୍ରାୟତଃ ସମ୍ପୂର୍ଣ୍ଣ ହୋଇଯାଇଥିବା ଆମେରିକାର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି । ମାନିଲାରେ ଆସିଆନ୍ ବିଦେଶ ମନ୍ତ୍ରୀମାନଙ୍କ ବୈଠକ ଅବସରରେ ଉକ୍ତ ଆମେରିକୀୟ ଅଧିକାରୀ ଜଣକ କହିଛନ୍ତି ଯେ, ଚୁକ୍ତି ପ୍ରସ୍ତୁତ ରହିଛି । କାଗଜପତ୍ର କାର୍ଯ୍ୟ ପ୍ରାୟତଃ ଶେଷ ହୋଇଯାଇଛି । ଅଧିକାରୀଜଣକ କହିଛନ୍ତି ଯେ, ଏବେ କେବଳ ୱାଶିଂଟନ ପକ୍ଷରୁ 'ଧାରା ୩୦୧' ଅଧୀନରେ ବାଣିଜ୍ୟ ସହ ଜଡ଼ିତ ଯାଞ୍ଚ ସମ୍ପୂର୍ଣ୍ଣ ହେବାର ଅପେକ୍ଷା ରହିଛି । ଏହି ଆଇନରେ ଅନ୍ୟାୟମୂଳକ ବାଣିଜ୍ୟିକ କାରବାର ସାମିଲ ଅଛି । ଏହା ଆମେରିକାକୁ ଟାରିଫ୍ ଲାଗୁ କିମ୍ବା ଜବାବୀ କାର୍ଯ୍ୟାନୁଷ୍ଠାନ ନେବାର ଅନୁମତି ଦେଇଥାଏ । ଅର୍ଥନୈତିକ ସମ୍ପର୍କକୁ ମଜଭୁତ କରିବାର ଉଦ୍ୟମ ଅଧୀନରେ ବଜାର ପହଞ୍ଚ ବଢ଼ାଇବା ଏବଂ ବାଣିଜ୍ୟ ସହ ଜଡ଼ିତ ବାଧକଗୁଡ଼ିକୁ କମ୍ କରିବା ନିମନ୍ତେ ୱାଶିଂଟନ ଏବଂ ନୂଆଦିଲ୍ଲୀ ଏକ ଦ୍ୱିପାକ୍ଷିକ ବାଣିଜ୍ୟିକ ଚୁକ୍ତି ଉପରେ ଆଲୋଚନା କରୁଛନ୍ତି । ଅଧିକାରୀଙ୍କ ଅନୁସାରେ, ଚୁକ୍ତି ପ୍ରାୟତଃ ଶେଷ ହୋଇଯାଇଛି । କେତେକ ପାରସ୍ପରିକ ପ୍ରସଙ୍ଗ ଉପରେ ମତୈକ୍ୟ ଏକତା ଆସିବା ପରେ ଏହା ଉପରେ ମୋହର ବାଜିବ । ସେ ଆହୁରି କହିଛନ୍ତି ଯେ, ୬୦ ଦେଶ ସହ ଜଡ଼ିତ 'ଧାରା ୩୦୧'ର ଏକ ଯାଞ୍ଚ ଚଳିତ ସପ୍ତାହ କିମ୍ବା ଆଗାମୀ କିଛି ସପ୍ତାହରେ ସମାପ୍ତ ହେବାର ଆଶା ରହିଛି । ଏହା ସମେତ ଅନ୍ୟାନ୍ୟ ଯାଞ୍ଚ ଶେଷ ହେବା ପରେ ଭାରତ ସମେତ ଅନ୍ୟାନ୍ୟ ଦେଶରେ ବି ପ୍ରଗତି ଦେଖିବାକୁ ମିଳିବ । ୱାଶିଂଟନ ପୂର୍ବରୁ ହିଁ ଭାରତ ସମେତ କେତେକ ଦେଶଗୁଡ଼ିକ ଉପରେ ୧୨.୫% ପର୍ଯ୍ୟନ୍ତ ନୂଆ ଟାରିଫ୍ ଲଗାଇବାକୁ ପ୍ରସ୍ତାବ ଦେଇସାରିଛି । ଏହି ଦେଶଗୁଡ଼ିକ ବିରୋଧରେ ଅଭିଯୋଗ ରହିଛି ଯେ, ଏମାନେ ଜବରଦସ୍ତ ଶ୍ରମରୁ ପ୍ରସ୍ତୁତ ଉତ୍ପାଦର ବାଣିଜ୍ୟ ରୋକିବାରେ ବିଫଳ ହୋଇଛନ୍ତି ।

## ପ୍ରଧାନମନ୍ତ୍ରୀଙ୍କ ବାସଭବନ ଆଗରେ କଂଗ୍ରେସର ବିରୋଧ ପ୍ରଦର୍ଶନ :

## ସମାଲୋଚନା କଲେ ସୋନମ୍ ୱାଙ୍ଗଚୁକଙ୍କ ସ୍ତ୍ରୀ ଗୀତାଞ୍ଜଳି



ନୂଆଦିଲ୍ଲୀ,୨୩/୭: ଶିକ୍ଷା ବ୍ୟବସ୍ଥାରେ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ବିରୋଧରେ ଛାତ୍ର ଆନ୍ଦୋଳନ ଚାଲିଥିବା ବେଳେ, ପ୍ରସିଦ୍ଧ ଶିକ୍ଷାବିତ୍ ତଥା ପରିବେଶବିତ୍ ସୋନମ୍ ୱାଙ୍ଗଚୁକଙ୍କ ଅନଶନ ଗୁରୁଗ୍ରାମର ଏକ ହସ୍ପିଟାଲରେ ୨୬ ଦିନରେ ପହଚିଁଛି । ଏହି ସମୟରେ ତାଙ୍କ ପତ୍ନୀ ଗୀତାଞ୍ଜଳି ଆଙ୍ଗମୋ କଂଗ୍ରେସ ଦଳର ନିକଟତମ ପ୍ରତିବାଦକୁ ନେଇ କଡ଼ା ସମାଲୋଚନା କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ବାସଭବନ ନିକଟରେ କଂଗ୍ରେସ ପକ୍ଷରୁ କରାଯାଇଥିବା ପ୍ରଦର୍ଶନ ଆନ୍ତରିକତାର ଅଭାବ ଦର୍ଶାଉଛି ଏବଂ ଏହା ଛାତ୍ରଛାତ୍ରୀଙ୍କ ସମସ୍ୟାର ପ୍ରକୃତ ସମର୍ଥନ ନୁହେଁ ବୋଲି ସେ ଅଭିଯୋଗ କରିଛନ୍ତି । ଗୀତାଞ୍ଜଳି କହିଛନ୍ତି ଯେ ରାଜନୈତିକ ନେତାମାନେ ପ୍ରଧାନମନ୍ତ୍ରୀଙ୍କ ଘର ଆଗରେ ପ୍ରଦର୍ଶନ କରିବା ବଦଳରେ ଜନ୍ତର ମନ୍ତରଠାରେ ଆନ୍ଦୋଳନରତ ଛାତ୍ରମାନଙ୍କ ସହ ଯୋଗ ଦେବା ଉଚିତ୍ ଥିଲା । ସେ ଆହୁରି କହିଛନ୍ତି ଯେ ୱାଙ୍ଗଚୁକଙ୍କ ଜନପ୍ରିୟତାକୁ ରାଜନୈତିକ ସ୍ୱାର୍ଥ ପାଇଁ ବ୍ୟବହାର କରାଯାଉଛି, କିନ୍ତୁ ଭାରତର ସଚେତନ ଜନସାଧାରଣ ପ୍ରକୃତ ସମର୍ଥନ ଓ ନାଟକୀୟତା ମଧ୍ୟରେ ଫରକ୍ ବୁଝିପାରିବେ । ଏତଦବ୍ୟତୀତ, ଅନ୍ୟାନ୍ୟ ସ୍ଥାନରେ ଘଟୁଥିବା ହିଂସାତ୍ମକ ଘଟଣା ସହ ଜନ୍ତର ମନ୍ତରର ଶାନ୍ତିପୂର୍ଣ୍ଣ ଛାତ୍ର ଆନ୍ଦୋଳନକୁ ବିନା ପ୍ରମାଣରେ ଯୋଡ଼ି ସେମାନଙ୍କ ସୁନାମ ନଷ୍ଟ ନକରିବାକୁ ସେ ଆବେଦନ କରିଛନ୍ତି ।

### ମଧ୍ୟପ୍ରାଚ୍ୟରେ ବଢ଼ିଲା ଉତେଜନା

ତେହରାନ/ୱାଶିଂଟନ,୨୩/୭: ମଧ୍ୟପ୍ରାଚ୍ୟରେ ଦିନକୁ ଦିନ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି । ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡକର୍ପସ (ଓଜଏଓ) ମଧ୍ୟପ୍ରାଚ୍ୟରେ ଥିବା ଆମେରିକୀୟ ସାମରିକ ଘାଟିଗୁଡ଼ିକ ଉପରେ ପ୍ରତିଶୋଧମୂଳକ ଆକ୍ରମଣ କରିଥିବା ନେଇ ଦାବି କରିଛି । ଓଜଏଓ ପକ୍ଷରୁ କୁହାଯାଇଛି ଯେ ଜୋର୍ଡାନ ଏବଂ କୁଓ୍ୱେତରେ ଅବସ୍ଥିତ ଆମେରିକୀୟ ସାମରିକ ସ୍ଥାପନା ଉପରେ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି । ଜୋର୍ଡାନରେ ନିୟୋଜିତ ଆମେରିକାର ଞଐଇଇଓ (ଟର୍ମିନାଲ ହାଇ ଅଲ୍ଟିଚ୍ୟୁଡ୍ ଏରିଆ ଡିଫେନ୍ସ) ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ଏହି ଆକ୍ରମଣରେ ନଷ୍ଟ କରାଯାଇଛି ।

## ହର୍ମୁଜ୍ ପରେ ବାବ୍ ଅଲ୍-ମାଣ୍ଡେବ ନୂଆ ମୋର୍ଚ୍ଚା :

### ଲୋହିତ ସାଗରରେ ସାଉଦି ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ କଲେ ହୁତି



ସାନା,୨୩/୭: ୟେମେନର ହୁତି ବିଦ୍ରୋହୀମାନେ କହିଛନ୍ତି ଯେ ସେମାନେ ଲୋହିତ ସାଗରରେ ସାଉଦି ଆରବର ଦୁଇଟି ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ କରିଛନ୍ତି । ସୋମବାର ସାଉଦି ଆରବ ଜାହାଜ ଉପରେ ସାମୁଦ୍ରିକ ଅବରୋଧ ଘୋଷଣା ପରେ ଇରାନ ସମର୍ଥିତ ୟେମେନି ସିଆ ବିଦ୍ରୋହୀ ଗୋଷ୍ଠୀ ହୁତିଙ୍କ ଦ୍ୱାରା ଜାହାଜ ଉପରେ ଏହା ପ୍ରଥମ ଆକ୍ରମଣ । ହୁତି ବିଦ୍ରୋହୀମାନେ କହିଛନ୍ତି ଯେ ସେମାନେ ବାବ୍ ଅଲ୍-ମାଣ୍ଡେବ ନିକଟରେ ବାଲିଷ୍ଟିକ୍, କ୍ରୁଜ୍ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଦ୍ୱାରା ସାଉଦି ଆରବର ଦୁଇଟି ତୈଳ ଟ୍ୟାଙ୍କର ଏନସେଲିଆ ଏବଂ ଲୈଲା ଉପରେ ଆକ୍ରମଣ କରିଛନ୍ତି । ସେମାନେ ଦାବି କରିଛନ୍ତି ଯେ, ଆକ୍ରମଣ ପରେ ଉଭୟ ଟ୍ୟାଙ୍କରରେ ନିଆଁ ଲାଗିଯାଇଥିଲା । ତେଲ ଟ୍ୟାଙ୍କର ଗୁଡ଼ିକ ସାମୁଦ୍ରିକ ଅବରୋଧ ଉଲ୍ଲଂଘନ କରିଥିବା ଅଭିଯୋଗ ସେମାନେ କରିଛନ୍ତି । ଚଳିତ ମାସର ଆରମ୍ଭରେ ସାନା ବିମାନବନ୍ଦର ଉପରେ ହୋଇଥିବା ଆକ୍ରମଣର ଜବାବରେ ହୁତିମାନେ ଏହି ପଦକ୍ଷେପ ନେଇଛନ୍ତି । ଏଥିପାଇଁ ସାଉଦି ଆରବ ଦାୟୀ ବୋଲି ସେମାନେ ଅଭିଯୋଗ କରିଛନ୍ତି । ସାଉଦି ଆରବ ଏହି ସାମୁଦ୍ରିକ ଅବରୋଧକୁ ନିନ୍ଦା କରିଛି ଏବଂ ୟେମେନର ଆନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ସରକାରଙ୍କ ପ୍ରତି ରିୟାଦର ସମର୍ଥନ ଥିବା ଦୋହରାଇଛି । ଲୋହିତ ସାଗରରେ ଆକ୍ରମଣ ଯୋଗୁ ଏହି ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ଜାହାଜ ଚଳାଚଳ ମାର୍ଗ ଉପରେ ଚାପ ବୃଦ୍ଧି ହୋଇଛି । ହର୍ମୁଜ୍ ପ୍ରଣାଳୀରେ ଇରାନର ଆକ୍ରମଣ ଯୋଗୁଁ ଉପସାଗରୀୟ ଦେଶଗୁଡ଼ିକର ଶକ୍ତି ରପ୍ତାନି ପ୍ରଭାବିତ ହୋଇଛି । ଏବେ ହୁତିଙ୍କ ଆକ୍ରମଣ ଲୋହିତ ସାଗର ମାର୍ଗ ପ୍ରତି ବିପଦ ବୃଦ୍ଧି କରିଛି । ହୁତିମାନେ ଦାବି କରିଛନ୍ତି ଯେ, ଅବରୋଧ ଯୋଗୁଁ ୧୦ ଜାହାଜ ବାବ୍ ଅଲ୍-ମାଣ୍ଡେବରୁ ଫେରି ଯାଇଛନ୍ତି ।

## ଘାତକ ବି-୧ ଲାନ୍ସର ବୋମାବର୍ଷୀ ବିମାନ ମୁତୟନ କଲା ଆମେରିକା :

## ଆଇଆରଜିସିର ଘାଟି ଉପେର ପ୍ରବଳ ବୋମାମାଡ଼



ୱାସିଂଟନ,୨୩/୭: ମଧ୍ୟପ୍ରାଚ୍ୟେର ଅାମେରିକା ଏବଂ ଇରାନ ମଧ୍ୟେର ଚାଲିଥିବା ସଂଘର୍ଷ ଏେବ ଏକ ଅତ୍ୟନ୍ତ ବିନାଶକାରୀ ମୋଡ଼େର ପହଚିଁଛି । ଅାମେରିକା ବାୟୁେସନା ପ୍ରଥମ ଥର ପାଇଁ ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କପର୍ସ (ଆଇଆରଜିସି)ର ଘାଟି ଉପେର ଏକ ବଡ଼ ଆକ୍ରମଣ କରିବା ପାଇଁ ଏହାର ସବୁଠାରୁ ଘାତକ ବି-୧ ଲାନ୍ସର ଦୂରଗାମୀ ବୋମାବର୍ଷୀ ବିମାନ ବ୍ୟବହାର କରିଛି । ୧୨ ଦିନ ପୂର୍ବେ ପୁଣି ଆରମ୍ଭ ହୋଇଥିବା ଏହି ନୂଆ ଯୁଦ୍ଧେର ପ୍ରଥମ ଥର ପାଇଁ ଅାମେରିକା ନିଜର ଶକ୍ତିଶାଳୀ ବୋମାବର୍ଷୀ ବିମାନକୁ ମିଶେନର ପଠାଇଛି । ରିପୋର୍ଟ ଅନୁଯାୟୀ, ଏହି ଆକ୍ରମଣେର ଇରାନର ସାମରିକ ଅପେରସନ୍ େକନ୍ଦ୍ର, ସାମୁଦ୍ରିକ କ୍ଷମତା େକନ୍ଦ୍ର, ବିମାନ ହ୍ୟାଙ୍ଗର, ଡ୍ରୋନ୍ ଷ୍ଟୋରେଜ୍ ସାଇଟ୍ ଏବଂ ସାମରିକ ଲଜିଷ୍ଟିକ୍ସ େବସ୍ ଟାେଗର୍ଟ କରାଯାଇଛି । ଅାମେରିକାର େକନ୍ଦ୍ରୀୟ କମାଣ୍ଡ େସ୍[କମ୍ ?ର ପ୍ରାଥମିକ େଉଦ୍ଦଶ୍ୟ େହଉଛି ହର୍ମୁଜ୍ ପ୍ରଣାଳୀେର ଜାହାଜକୁ ଟାେଗର୍ଟ କରିବାର ଇରାନର କ୍ଷମତାକୁ ସମ୍ପୂର୍ଣ୍ଣ ନଷ୍ଟ କରିବା । ବୋମା ବିସ୍ଫୋରଣକାରୀ ବିମାନଟି ବ୍ରିଟେନର ଏକ ଏୟାରେବସ୍‌ରୁ ଉଡ଼ାଣ କରିଥିଲା । ବି-୧ ଲାନ୍ସର ବୋମାବର୍ଷୀ ବିମାନକୁ ଅାମେରିକୀୟ ବାୟୁେସନାର ସବୁଠାରୁ ଶକ୍ତିଶାଳୀ ଏବଂ ଓଜନିଆ ବିମାନ ଭାେବର ବିବେଚନା କରାଯାଏ । ଏହା ଶବ୍ଦର େବଗ ଅେପକ୍ଷା ଦ୍ରୁତ ଗତିରେ ଉଡ଼ିବା ସହ ୨୪ଟି ୨ ହଜାର ପାଉଣ୍ଡ ଓଜନର ବୋମା କିମ୍ବା ବହୁ ସଂଖ୍ୟକ କ୍ରୁଜ୍ ମିସାଇଲ ମଧ୍ୟ ବହନ କରିପାରିବାକୁ ସକ୍ଷମ । ଯୁଦ୍ଧେକ୍ଷତ୍ରେର ବି-୧ ଲାନ୍ସକୁ ନିୟୋଜିତ କରିବା ସ୍ପଷ୍ଟ ଭାେବ ସୂଚିତ କରୁଛି ଯେ, ଅାମେରିକା ଏେବ ଏହି ସାମରିକ ଅଭିଯାନକୁ ଜୋରଦାର୍ କରୁଛି ।

## ଶୁଭାଂଶୁଙ୍କ ମହାକାଶ ଯାତ୍ରାରେ ଫେଲ୍ ହୋଇଥିଲା ଖେଚୁଡ଼ି

## ୩ଟି ଭାରତୀୟ ବ୍ୟଞ୍ଜନକୁ ମଞ୍ଜୁରି ଦେଇଥିଲା ନାସା



ନୂଆଦିଲ୍ଲୀ,୨୩/୭: ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ,ଜୁନ୍ ୨୦୨୫ରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ଯାତ୍ରା କରିଥିଲେ । କିଛି ଭାରତୀୟ ବ୍ୟଞ୍ଜନ ବି ସାଙ୍ଗରେ ନେଇଥିଲେ । କିନ୍ତୁ ବୈଜ୍ଞାନିକ ଯାଞ୍ଚରେ ମାତ୍ର ୩ଟି ବ୍ୟଞ୍ଜନକୁ ମିଳି ପାରିଥିଲା ମଞ୍ଜୁରି । ଏକ ପଡ୍‌କାଷ୍ଟରେ ଆଲୋଚନା ସମୟରେ ଶୁଭାଂଶୁ କହିଛନ୍ତି, ଡିଆର୍ଡିଓର ଲାବୋରେଟୋରୀ ଡିଫେନ୍ସ ଫୁଡ୍ ରିସର୍ଚ୍ଚ ଲାବୋରେଟୋରୀ (ଡିଏଫ୍ଆର୍ଏଲ୍) ମହାକାଶ ଯୋଗ୍ୟତା ପାଇଁ ବ୍ୟାପକ ଭାରତୀୟ ବ୍ୟଞ୍ଜନ ପ୍ରସ୍ତୁତ କରିଥିଲା । ତେବେ, ପୁଙ୍ଖାନୁପୁଙ୍ଖ ପରୀକ୍ଷଣ ପରେ କେବଳ ଗାଜର ହାଲୁଆ, ମୁଗ ଡାଲି ହାଲୁଆ ଓ ଆମ୍ବରସ ମହାକାଶ ଯାତ୍ରା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା । ଭାରତର ପରବର୍ତ୍ତୀ ଗଗନଯାନ ମିଶନ ପାଇଁ ଡିଏଫ୍ଆର୍ଏଲ୍ ମହାକାଶ ଖାଦ୍ୟ ପ୍ରସ୍ତୁତି କରୁଛି । ଶୁଭାଂଶୁ କହିଛନ୍ତି, ତାଙ୍କ ମହାକାଶ ଯାତ୍ରା ପୂର୍ବରୁ ଖେଚୁଡ଼ି, ପଲାଉ, ପରିବା ଓ ଅନେକ ଅନ୍ୟ ଭାରତୀୟ ବ୍ୟଞ୍ଜନର ପରୀକ୍ଷଣ ହୋଇଥିଲା । ଖାଦ୍ୟ ପ୍ରସ୍ତୁତି ଅପେକ୍ଷା ମହାକାଶ ପାଇଁ ଅନୁମତି ପ୍ରାପ୍ତ କରିବା ଅତ୍ୟନ୍ତ ଜଟିଳ ଥିଲା । ଏଗୁଡ଼ିକୁ ମହାକାଶ ଯାତ୍ରା ନିମନ୍ତେ ଅନୁମତି ନ ମିଳିବାର ଅନେକ କାରଣ ଥିଲା । ତନ୍ମଧ୍ୟରେ ସବୁଠୁ ବଡ଼ ଆହ୍ୱାନ ଥିଲା ସମୟ । ଏଗୁଡ଼ିକର ପରୀକ୍ଷା ପାଇଁ ସେମାନଙ୍କ ପାଖରେ ଯଥେଷ୍ଟ ସମୟ ନ ଥିଲା । ତେଣୁ କେବଳ ୩ଟି ଖାଦ୍ୟ ସମସ୍ତ ଆବଶ୍ୟକ ସର୍ତ୍ତ ପୂରଣ କରିପାରିଥିଲା । ମହାକାଶକୁ ଯାଉଥିବା ଖାଦ୍ୟ ବ୍ୟାପକ ପରୀକ୍ଷଣ ମଧ୍ୟଦେଇ ଗତିକରେ । ସୁରକ୍ଷା ମାନକ ପୂରଣ କରୁଥିବା, ପୋଷକ ତତ୍ତ୍ୱ ବଜାୟ ରଖୁଥିବା ଓ ବିନା ଫ୍ରିଜ୍‌ରେ ମାସ ମାସ ଧରି ରହିପାରୁଥିବା ଖାଦ୍ୟପଦାର୍ଥକୁ ଅଗ୍ରାଧିକାର ମିଳେ ।

# ଚାଲି ପାରୁନି ସଂସଦ



ନୂଆଦିଲ୍ଲୀ,୨୩/୭: ଚାଲି ପାରୁନି ସଂସଦ । ଆଜି ମୌସୁମୀ ଅଧିବେଶନର ଚତୁର୍ଥ ଦିନ । ଗତ ତିନି ଦିନ ଧରି ବିରୋଧୀ ଦଳ ସଂସଦର ଉଭୟ ଗୃହରେ ହଙ୍ଗାମା ଜାରି ରଖିଛନ୍ତି, ଯାହା ଫଳରେ ଅନେକ ଥର ଗୃହ ମୁଲତବୀ ରହିଛି । ଆଜି ମଧ୍ୟ ଲୋକସଭା ଏବଂ ରାଜ୍ୟସଭା ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ କରାଯାଇଛି । ଗୁରୁବାର ଦିନ ବିରୋଧୀ ଦଳର ସାଂସଦମାନେ ସଂସଦ ପରିସରର ମକର ଗେଟ୍ ନିକଟରେ ପ୍ରତିବାଦ କରିଥିଲେ । ପରୀକ୍ଷା ପତ୍ର ଲିକ୍ ମାମଲାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିକୁ ସେମାନେ ପୁନର୍ବାର ଦୋହରାଇଥିଲେ । କଂଗ୍ରେସ ସଂସଦୀୟ ଦଳ (ସିପିପି) ଅଧ୍ୟକ୍ଷା ସୋନିଆ ଗାନ୍ଧୀ ମଧ୍ୟ ପ୍ରତିବାଦରେ ଯୋଗ ଦେଇଥିଲେ । ଏହି ସମୟରେ, ଶାସକ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନଡିଏ)ର ସାଂସଦମାନେ ମଧ୍ୟ ପ୍ରତି-ବିରୋଧ ପ୍ରଦର୍ଶନ କରିଥିଲେ । ଏହି ପ୍ରତିବାଦ ଟିଏମସି ସାଂସଦ କଲ୍ୟାଣ ବାନାର୍ଜୀଙ୍କ ବିରୁଦ୍ଧରେ ଥିଲା, ଯିଏ ଦୁଇ ମହିଳା ସାଂସଦଙ୍କ ବିରୁଦ୍ଧରେ ଆପତିଜନକ ମନ୍ତବ୍ୟ ଦେବା ପରେ ଗୃହରୁ ନିଲମ୍ବିତ ହୋଇଥିଲେ । ରାଜ୍ୟସଭାରେ ହଙ୍ଗାମା ମଧ୍ୟରେ, କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି ଯେ ସରକାର ଏବଂ ସମସ୍ତ ଦଳ ନିଟ୍ ପତ୍ର ଲିକ୍ ପ୍ରସଙ୍ଗରେ ଆଲୋଚନା ପାଇଁ ସହମତ ହୋଇଛନ୍ତି । ମଲ୍ଲିକାର୍ଜୁନ ଖାର୍ଗେଙ୍କ ନେତୃତ୍ୱରେ କଂଗ୍ରେସ ଦଳ ଉଚ୍ଚ ସଦନରେ ଆଲୋଚନା ପାଇଁ ସର୍ତ୍ତାବଳୀ ଲାଗୁ କରିଥିଲା । ରିଜିଜୁ କହିଛନ୍ତି, "ସର୍ତ୍ତ ଲଗାନ୍ତୁ ନାହିଁ ଏବଂ ପ୍ରସଙ୍ଗକୁ ରାଜନୀତିକରଣ କରନ୍ତୁ ନାହିଁ ।

## ୫ ପ୍ରତିଶତ ମହଙ୍ଗା ଭତା ବୃଦ୍ଧି କଲେ ରାଜ୍ୟ ସରକାର

ଭୁବନେଶ୍ୱର,୨୩/୭(ନି/ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ସରକାରୀ କର୍ମଚାରୀମାନଙ୍କ ପାଇଁ ୫ ପ୍ରତିଶତ ମହଙ୍ଗା ଭତ୍ତା ବୃଦ୍ଧି କରିଛନ୍ତି । ଏହାଦ୍ୱାରା ସରକାରୀ କର୍ମଚାରୀଙ୍କ ସମୁଦାୟ ମହଙ୍ଗା ଭତ୍ତା ୨୫୭ ପ୍ରତିଶତରୁ ୨୬୨ ପ୍ରତିଶତକୁ ବୃଦ୍ଧି ପାଇଛି । ମୁଖ୍ୟମନ୍ତ୍ରୀ ଏହି ମହଙ୍ଗା ଭତ୍ତା ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ପିଛିଲା ଭାବେ ୨୦୨୬ ଜାନୁଆରି ପହିଲା ଠାରୁ ଲାଗୁ ହେବ । ଏହା ଜୁଲାଇ ମାସର ଦରମା ସହିତ ମିଳିବ ବୋଲି ଜଣାଯାଇଛି । ଏହା ଫଳରେ ହଜାର ହଜାର ସରକାରୀ କର୍ମଚାରୀ ଓ ପେନସନ୍ ଭୋଗୀ ସିଧାସଳଖ ଭାବେ ଉପକୃତ ହେବେ । ଦ୍ରବ୍ୟ ମୂଲ୍ୟ ବୃଦ୍ଧି ଓ ଜୀବନଯାପନ ଖର୍ଚ୍ଚ ବଢୁଥିବା ସମୟରେ ସରକାରଙ୍କ ଏହି ଘୋଷଣା କର୍ମଚାରୀଙ୍କ ପାଇଁ ବଡ଼ ଆର୍ଥିକ ଆଶ୍ୱସ୍ତି ଆଣିଛି । ବଢ଼ିଥିବା ଭତ୍ତା ସହ ବକେୟା ରାଶି ମିଳିବାରୁ କର୍ମଚାରୀଙ୍କ ମଧ୍ୟରେ ଖୁସିର ମାହୋଲ ଦେଖାଦେଇଛି ।



## ଫାଷ୍ଟ ଟ୍ରାକ୍ କୋର୍ଟରେ ହେବ ପେପର ଲିକ୍ ମାମଲାର ଶୁଣାଣି :

## ପ୍ରଧାନମନ୍ତ୍ରୀଙ୍କ ବଡ଼ ନିଷ୍ପତି




ନୂଆଦିଲ୍ଲୀ,୨୩/୭: ରାଜଧାନୀ ଦିଲ୍ଲୀର ଜନ୍ତରମନ୍ତରରେ ଛାତ୍ରଙ୍କ ବିରୋଧ ପ୍ରଦର୍ଶନ ମଧ୍ୟରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ସେ ପେପର ଲିକ୍ ମାମଲାର ଶୁଣାଣି ପାଇଁ ଏକ ଫାଷ୍ଟ-ଟ୍ରାକ୍ କୋର୍ଟ ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାର ଶୁଣାଣି ଏବେ ଏହି କୋର୍ଟରେ ହେବ । ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆ ଏକ୍ସରେ ଏନେଇ ଘୋଷଣା କରିଛନ୍ତି । ପ୍ରଧାନମନ୍ତ୍ରୀ ଲେଖିଛନ୍ତି, ଦେଶର ଯୁବପିଢ଼ିଙ୍କ କଲ୍ୟାଣ ଏବଂ ଭବିଷ୍ୟତ ଆମର ସର୍ବୋଚ୍ଚ ପ୍ରାଥମିକତା । ସମସ୍ତ ପେପର ଲିକ୍ ମାମଲାରେ ଦୋଷୀମାନଙ୍କୁ କଠୋର ଦଣ୍ଡ ଦିଆଯିବ । ବିଚାରକୁ ତ୍ୱରାନ୍ୱିତ କରିବା ପାଇଁ ଏକ ଫାଷ୍ଟ-ଟ୍ରାକ୍ କୋର୍ଟ ଗଠନ କରାଯିବ । ସେ କହିଛନ୍ତି ଯେ, ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଜାରି କରାଯାଇଛି । ଆମ ପାଇଁ ଯୁବପିଢ଼ିଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଆଉ କିଛି ନାହିଁ । ଏହା ଛାତ୍ରଛାତ୍ରୀମାନଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଏକ ପ୍ରମୁଖ ପଦକ୍ଷେପ । ଯୁବପିଢ଼ିଙ୍କ ଭବିଷ୍ୟତ ସହିତ ଯିଏ ବି ଖେଳିବ ତାଙ୍କୁ ଛଡାଯିବ ନାହିଁ ।




# କେନ୍ଦୁଝର ସମାଚାର

**A.R. KHAN**

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122


## କେନ୍ଦୁଝରରେ ବାଲ୍ୟବିବାହ ନିରୋଧୀ କାର୍ଯ୍ୟଖସଡ଼ା ଉନ୍ମୋଚିତ



କେନ୍ଦୁଝର,୨୩/୭(ନି/ପ୍ର):ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ଠାରେ ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର ଏବଂ କେନ୍ଦୁଝର ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ‘କେନ୍ଦୁଝର ଜିଲ୍ଲା ବାଲ୍ୟବିବାହ ନିରୋଧୀ ରଣନୀତିକ କାର୍ଯ୍ୟଖସଡ଼ା ଆନୁଷ୍ଠାନିକ ଭାବେ ଉନ୍ମୋଚିତ ହୋଇଛି। ଆଗାମୀ ତିନି ବର୍ଷ ମଧ୍ୟରେ କେନ୍ଦୁଝର ଜିଲ୍ଲାକୁ ସମ୍ପୂର୍ଣ୍ଣ ଭାବେ ବାଲ୍ୟବିବାହ ମୁକ୍ତ କରିବା ପାଇଁ ଏକ ବ୍ୟାପକ ସାମାଜିକ ଓ ସଚେତନତାଧର୍ମୀ ରଣନୀତି ଏହି ଯୋଜନା ମାଧ୍ୟମରେ ପ୍ରସ୍ତୁତ କରାଯାଇଛି। ବୈଠକରେ ୟୁନିସେଫ୍, ଭୁବନେଶ୍ୱରର ଶିଶୁ ସୁରକ୍ଷା କନସଲଟାଂଟ ଶ୍ରୀ ଘାସିରାମ ପଣ୍ଡା ଯୋଗଦେଇ କହିଥିଲେ ଯେ, ‘କେବଳ ନିୟମ ଓ ଦସ୍ତାବିଜ୍ ତିଆରି କରି ରଖିଦେଲେ ବାଲ୍ୟବିବାହ ବନ୍ଦ ହୋଇପାରିବ ନାହିଁ। ଯଦି ପରିବାର ଓ ସମାଜର ନୀତିନିୟମ ଦୁର୍ବଳ ହୁଏ, ତେବେ ବାଲ୍ୟବିବାହର ସମ୍ଭାବନା ବୃଦ୍ଧି ପାଏ।‘ ଏହା ଶିଶୁସୁରକ୍ଷା ପାଇଁ ଏକ ମିଳିତ ସହଯୋଗୀ ପଦକ୍ଷେପ ବୋଲି ସେ ପ୍ରକାଶ କରିଥିଲେ। ଲିଙ୍ଗଗତ ହିଂସା ରୋକିବା ପାଇଁ ପ୍ରତ୍ୟେକ ବ୍ଲକରେ ଥିବା ’ପ୍ରେରଣା କେନ୍ଦ୍ର’ଗୁଡ଼ିକରେ ’ପ୍ରେରଣା ଦିଦି’ମାନଙ୍କୁ ଆହୂତ କରି ପ୍ରତି ୭ ଦିନରେ ଥରେ କେନ୍ଦ୍ର ଖୋଲି ବିସ୍ତୃତ ଆଲୋଚନା ଓ ସଚେତନତା ସୃଷ୍ଟି କରିବାକୁ ନିଷ୍ପତି ନିଆଯାଇଛି। ’ସୁଦକ୍ଷ ଯୋଜନା’ ମାଧ୍ୟମରେ କିଶୋରୀ ଓ ଝିଅମାନଙ୍କୁ ବିଭିନ୍ନ ବୃତିଗତ ଓ ବୈଷୟିକ ଶିକ୍ଷାରେ ତାଲିମ ଦେଇ ସେମାନଙ୍କ ଦକ୍ଷତା ବୃଦ୍ଧି କରିବା ଏବଂ ସ୍ୱାବଲମ୍ବୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ଶିଶୁମାନଙ୍କ ଅଧିକାର ସୁରକ୍ଷା ପାଇଁ ଏକ ବିଶେଷ ମିଳିତ ସହଯୋଗୀ ପଦକ୍ଷେପ ବୋଲି ସେ ପ୍ରକାଶ କରିଥିଲେ। ଜିଲ୍ଲାର ପ୍ରତ୍ୟେକ ସ୍କୁଲରେ ଭିଡ଼ିଓ ମାଧ୍ୟମରେ କିଶୋର-କିଶୋରୀମାନଙ୍କୁ ସ୍ୱାସ୍ଥ୍ୟ, ପୋଷଣ ଓ ବାଲ୍ୟବିବାହର କୁପରିଣାମ ସମ୍ପର୍କରେ ଶିକ୍ଷା ଦେବାକୁ ଗୁରୁତ୍ୱ ଦିଆଯାଇଛି।ଶିକ୍ଷା ଓ ଅଭିଭାବକ ସଚେତନତା:ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା ଅଭିଭାବକମାନଙ୍କୁ ଅଧିକ ସଚେତନ କରିବା, ପିଲାମାନଙ୍କୁ ନିୟମିତ ସ୍କୁଲକୁ ଆଣିବା ଏବଂ ଗୁଣାତ୍ମକ ଶିକ୍ଷା ଦାନ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ,ଜିଲ୍ଲା କଲ୍ୟାଣ ଅଧିକାରୀ ବିକାଶ କୁମାର ମହାନ୍ତି, ଜିଲ୍ଲା କ୍ରୀଡା ଅଧିକାରୀ ସରୋଜ ମଲ୍ଲିକ, ପିଓ କେନ୍ଦୁଝର ସଦର ତୁଳେଶ୍ୱରୀ ପଟେଲ, , ଅତିରିକ୍ତ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ସୁଧା ଗୋସ୍ୱାମୀ, କେନ୍ଦୁଝରଜିଲ୍ଲା ଆଇନ ସେବା ପ୍ରାଧିକରଣ ର ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ,ଶ୍ରୀମତୀ ରଞ୍ଜିତା ଦାଶ, ଜିଲ୍ଲା ସଂଯୋଜିକା - ଅଦ୍ୱିକା ସେଣ୍ଟର ଅଫ୍ ଏକ୍ସଲେନ୍ସ, ଅଜିତ କୁମାର ମହାନ୍ତି, ଜିଲ୍ଲା ସଂଯୋଜକ , ଏହା ସହିତ ବିଭିନ୍ନ ପଚାଂୟତର ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ର ପ୍ରତିନିଧି ଏବଂ ବିଭାଗୀୟ କର୍ମଚାରୀମାନେ ଯୋଗ ଦେଇଥିଲେ।

## ବ୍ରାଉନସୁଗାର୍ ଗ୍ୟାଙ୍ଗର ପର୍ଦ୍ଦାଫାଶ ୬ଜଣ ଅଭିଯୁକ୍ତ ଗିରଫ
### ମୋବାଇଲ, ମୋଟର ସାଇକେଲ ଓ ନଗଦଟଙ୍କା ଜବତ



କେନ୍ଦୁଝର,୨୩/୭(ନି/ପ୍ର): କେନ୍ଦୁଝର ଜିଲ୍ଲାରେ ବ୍ରାଉନ ସୁଗାର୍ ବ୍ୟବସାୟ ଗ୍ୟାଙ୍ଗର ପର୍ଦ୍ଦାଫାଶ, ୬ଜଣ ଅଭିଯୁକ୍ତଙ୍କ ସହ ନଗଦ ପଚାଶ ହଜାର ଟଙ୍କା ଗୋଟିଏ ମୋବାଇଲ୍ ଫୋନ୍ ଏବଂ ଗୋଟିଏ ମୋଟର ସାଇକେଲ ଜବତ। କେନ୍ଦୁଝର ଜିଲ୍ଲାର ଖଣିଜ କ୍ଷେତ୍ରରେ ଦିନକୁ ଦିନ ବୃଦ୍ଧି ପାଉଛି ମାଦକ ଦ୍ରବ୍ୟ ବ୍ୟବସାୟୀ ମାନଙ୍କ ଦୌରାତ୍ମ୍ୟ। ସେହିଭଳି ଏକ ଗ୍ୟାଙ୍ଗକୁ ଠାବ କରିବାରେ ସଫଳ ହୋଇଛି ବଡ଼ବିଲ ପୋଲିସ୍। ୧୯ତାରିଖ ଦିନ ବଡ଼ବିଲ ପୋଲିସ୍ ଟିମ୍ ପେଟ୍ରୋଲିଂ କରିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବଡ଼ବିଲ ଥାନା ଅନ୍ତର୍ଗତ ଭାଦ୍ରାସାହି ପିଟୁପ୍ଲାଂଟ ପଛପଟ ମୁଣ୍ଡା ସାହି ଜଙ୍ଗଲ ନିକଟରେ ବ୍ରାଉନ ସୁଗାର କାରବାର ହେଉଥିବା ଖବର ପାଇ ଚଢ଼ାଉ କରିଥିଲା ଏହି ଚଢ଼ାଉ ସମୟରେ ଚାରି ଜଣଙ୍କୁ ଗିରଫ କରିବା ସହ ଦୁଇଜଣ ଆଂଚଳିକ ବ୍ୟାପାରି ଙ୍କୁ ମଧ୍ୟ ଗିରଫ କରିଥିବା ନେଇ ସୂଚନା। ଗିରଫ ଅଭିଯୁକ୍ତ ମାନେ ହେଲେ ସମିମ୍ ଆଖତର, ମେହେବୁବ ସେଖ, ଯୋରାଜ୍ ଶେଖ୍ ତିନିଜଣ ପଶ୍ଚିମବଙ୍ଗ ମୁର୍ସିଦାବାଦ୍ ହୋଇଥିବା ବେଳେ କେନ୍ଦୁଝର ଜିଲ୍ଲାର ବାମେବାରୀ ଥାନା ଅନ୍ତର୍ଗତ ଯୁରୁଡ଼ି ଅଂଚଳରେ ରୁହୁଥିବା ବେଳେ ଅନ୍ୟ ଜଣେ ବଡ଼ବିଲ ପୌରାଂଚଳ ତଥା ବଡ଼ବିଲ ଥାନା ଅନ୍ତର୍ଗତ ବଡ଼ବିଲ ବରକତ ନଗରର ବାସିନ୍ଦା ହୋଇଥିବା ନେଇ ସୂଚନା ଏବଂ ଦୁଇ ଆଂଚଳିକ ବିକ୍ରେତା ହେଲେ ମହମ୍ମଦ ରମିଜ୍ ରାଜା ବାମେବାରୀ ଥାନା ଅନ୍ତର୍ଗତ ବାସିନ୍ଦା ଓ ଅନ୍ୟ ଜଣେ ଝାଡ଼ଖଣ୍ଡ ରାଜ୍ୟର ସଫିକୁଲ ଶେଖ୍ ହୋଇଥିବା ନେଇ ସୂଚନା। ତେବେ ବଡ଼ବିଲ ପୋଲିସ୍ ଟିମ୍ ଚଢ଼ାଉ ମାଜିଷ୍ଟ୍ରେଟ ଜନ୍ସନ୍ କିଣ୍ଡୋଙ୍କ ଉପସ୍ଥିତି ରେ କରିଥିବା ବେଳେ ଅଭିଯୁକ୍ତ ମାନଙ୍କ ଠାରୁ ଏକ ମୋଟର ସାଇକେଲ, ଗୋଟିଏ ମୋବାଇଲ, ନଗଦ ପଚାଶ ହଜାର ଟଙ୍କା ସହ ୩୪ଗ୍ରାମ ର ବ୍ରାଉନ ସୁଗାର୍ ଜବତ୍ କରିଥିବା ନେଇ ସୂଚନା।

## ଡିସେମ୍ବର ସୁଦ୍ଧା ଚାନ୍ଦିପୁର ମାଛଧରା ବନ୍ଦର : ସେପଟେମ୍ବରରେ ରୋ-ପାକ୍ସ ଜେଟି



ଭୁବନେଶ୍ୱର,୨୩/୭(ନି/ପ୍ର):ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁରର ବଳରାମଗାଡ଼ିଆରେ ସାଗରମାଳା ଯୋଜନା ଅଧୀନରେ ନିର୍ମାଣ କରାଯାଉଥିବା ମାଛଧରା ବନ୍ଦର ଚଳିତ ବର୍ଷ ଡିସେମ୍ବର ସୁଦ୍ଧା କାର୍ଯ୍ୟକ୍ଷମ ହେବା ଆଶା କରାଯାଉଛି ବୋଲି ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନାୱାଲ କହିଛନ୍ତି। ୪୯.୯୪ କୋଟି ଟଙ୍କା ନିବେଶରେ ତିଆରି କରାଯାଉଥିବା ଏହି ପ୍ରକଳ୍ପର ପ୍ରାୟ ୯୫ ପ୍ରତିଶତ କାମ ଶେଷ ହୋଇଗଲାଣି। ଶ୍ରୀ ସୋନାୱାଲ କହିଛନ୍ତି ଯେ ସାଗରମାଳା ଯୋଜନା ଅଧୀନରେ ଓଡ଼ିଶା ପାଇଁ ୩୫୦ କୋଟି ଟଙ୍କାର ୬ଟି ପ୍ରକଳ୍ପ ମଞ୍ଜୁର କରାଯାଇଥିଲା। ସେଥିରୁ ପାଁଚଟି ପ୍ରକଳ୍ପର କାର୍ଯ୍ୟ ଚଳିତ ବର୍ଷ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବ। ଖୋର୍ଦ୍ଧାଜିଲ୍ଲା ବାଲୁଗାଁ ଓ ପୁରୀ ଜିଲ୍ଲାର କୃଷ୍ଣପ୍ରସାଦଗଡ଼ରେ ୩୭.୦୨ କୋଟି ଟଙ୍କା ନିବେଶରେ ନିର୍ମାଣ କରାଯାଉଥିବା ରୋ-ପାକ୍ସ ଜେଟି ମଧ୍ୟ ଆସନ୍ତା ଡିସେମ୍ବର ସୁଦ୍ଧା କାର୍ଯ୍ୟକ୍ଷମ ହେବା ସମ୍ଭାବନା ରହିଛି। ଆସନ୍ତା ସେପଟେମ୍ବର ସୁଦ୍ଧା ଦୁଇଟି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ। ଭଦ୍ରକ ଜିଲ୍ଲାର କାନିନାଳୀ ଓ କେନ୍ଦ୍ରପଡ଼ାର ତାଳଚୁଆରେ ୧୩୭୬.୯୮ କୋଟି ଟଙ୍କା ନିବେଶର ରୋ-ପାକ୍ସ ଜେଟି ଏବଂ ୯୯.୭୫ କୋଟି ଟଙ୍କା ନିବେଶର ପାରାଦୀପ ମାଛଧରା ବନ୍ଦରର ଆଧୁନିକୀକରଣ ଓ ଉନ୍ନତୀକରଣ ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ସାଗରମାଳା ଯୋଜନା ଅଧୀନରେ ମଞ୍ଜୁର ହୋଇଥିବା ପ୍ରକଳ୍ପ ଦ୍ୱାରା ରାଜ୍ୟରେ ୨୦୦୦ ନିଯୁକ୍ତି ସୁଯୋଗ ସୃ ?ଷ୍ଟି ହେବ। ଅନୁମୋଦନର ୫ ବର୍ଷ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟକ୍ଷମ ମନ୍ତ୍ରୀ ଶ୍ରୀ ସୋନାୱାଲ କହିଛନ୍ତି ଯେ ସାଗରମାଳା କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶା ପାଇଁ ୫୬ ହଜାର କୋଟି ଟଙ୍କାର ୫୨ଟି ପ୍ରକଳ୍ପ ଚିହ୍ନଟ କରାଯାଇଛି। ଖଣିଜ ସମ୍ପଦ ଭରା ତାଳଚେର-ଅନୁଗୋଳକୁ ଶିଳ୍ପ ସମୃଦ୍ଧ କଳିଙ୍ଗନଗର ଏବଂ ପାରାଦୀପ ଓ ଧାମରା ବନ୍ଦର ସହ ଯୋଡ଼ିବାକୁ ଥିବା ଜାତୀୟ ଜଳପଥ-୫ ବର୍ତ୍ତମାନ ଅନୁମୋଦନ ପର୍ଯ୍ୟାୟରେ ରହିଛି। ଅନୁମୋଦନର ୫ ବର୍ଷ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ। ଏହି ପ୍ରକଳ୍ପଗୁଡ଼ିକୁ ପାରାଦୀପ, ଚାନ୍ଦିପୁର, ଅସ୍ତରଙ୍ଗ, ଗୋପାଳପୁର, ସୁବର୍ଣ୍ଣରେଖା ଓ ଧାମରାରେ ଚିହ୍ନଟ କରାଯାଇଛି। ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ୨୫ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

## ନିଟ କୃତକାର୍ଯ୍ୟଙ୍କୁ ଝୁମ୍ପୁରା ସରସ୍ୱତି ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସମ୍ବର୍ଦ୍ଧିତ

କେନ୍ଦୁଝର,୨୩/୭(ନି/ପ୍ର): ଝୁମ୍ପୁରା ସରସ୍ୱତି ଶିଶୁ ବିଦ୍ୟା ମନ୍ଦିର ଆନୁକୂଲ୍ୟରେ ସର୍ବଭାରତୀୟ ସ୍ତରରେ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୨୦୨୩-୨୪ବ୍ୟାଚ୍‌ର ସୁରେନ୍ଦ୍ର ବାରିକ ଓ ରେଖା ରାଣୀ ବାରିକଙ୍କ ସୁପୁତ୍ର ଦିଗବିଜୟ ବାରିକ ୭୨୦ ନମ୍ବରରୁ ୬୪୮ ନମ୍ବର ରଖି ୧୫୪୯ ସ୍ଥାନ ଏବଂ କୁଞ୍ଜବିହାରୀ ପ୍ରଧାନ ଓ ମମତା ପ୍ରଧାନଙ୍କ ସୁପୁତ୍ର ୭୨୦ ରୁ ୬୩୪ ନମ୍ବର ରଖି ୨୯୩୪ ସ୍ଥାନ ପ୍ରାପ୍ତ କରି ଏ ଅଂଚଳ ତଥା ଝୁମ୍ପୁରା ଶିଶୁ ବିଦ୍ୟାମନ୍ଦିର ର ଗୌରବ ବୃଦ୍ଧି କରିଛନ୍ତି । ଏହି ଉତ୍ସବ ରେ ବିଦ୍ୟାଳୟର ବରିଷ୍ଠ ଗୁରୁଜୀ ଦୁଷ୍ମନ୍ତ କୁମାର ପ୍ରଧାନ ଅତିଥି ଅଧିକାରୀଙ୍କ ପରିଚୟ ପ୍ରଦାନ ପୂର୍ବକ ଶିଶୁମାନଙ୍କର ଭବିଷ୍ୟତ ଉନ୍ନତି କାମନା କରିଥିଲେ। ଝୁମ୍ପୁରା ଖଣ୍ଡର ସି.ଆର.ସି ତନ୍ମୟ କୁମାର ଗରି ଶିଶୁ ମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ବିଦ୍ୟାଳୟର ଶିଶୁ ଭାଇ ଭଉଣୀ ମାନେ କୃତକାର୍ଯ୍ୟ ଶିଶୁ ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପୁରୁଜିତ୍ ମୁନି ବିଦ୍ୟା ଭାରତୀର ଲକ୍ଷ୍ୟ ଅନୁସାରେ ଶିଶୁମାନେ ଭଲ ଡାକ୍ତର ହୋଇ ଗରିବ ଦୁଃଖି ମାନଙ୍କରେ ସେବା କରନ୍ତୁ ଏହି ଆଶା ରଖି ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ବରିଷ୍ଠ ଗୁରୁଜୀ ମନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ ଦେବା ପୂର୍ବକ ଭଲ ମଣିଷ ହେବା ପାଇଁ ପୁରାଣ ପୃଷ୍ଠାର ଉଦାହରଣ ଦେଇଥିଲେ। ଏହି ଉତ୍ସବକୁ ପରିଚାଳନା କରିଥିଲେ ବିଦ୍ୟାଳୟ ର ବରିଷ୍ଠ ଆଚାର୍ଯ୍ୟ ପ୍ରହ୍ଲାଦ ମହାନ୍ତ । ବିଦ୍ୟାଳୟର ପ୍ରାକ୍ତନ ସଭାପତି ତଥା ଅଭିଭାବକ କୁଞ୍ଜବିହାରୀ ପ୍ରଧାନ ଶିକ୍ଷା ଉପରେ ଗୁରୁତ୍ୱ ଦେଇ ଶିଶୁ ମାନଙ୍କୁ ନିଜ ନିଜ ଲକ୍ଷ୍ୟ ସ୍ଥିର କରି ଆଗକୁ ବଢିବାକୁ ପରାମର୍ଶ ଦେଇଥିଲେ । ସମସ୍ତ ଗୁରୁଜୀ, ଗୁରୁମା , ସେବକ, ସେବିକା ଶିଶୁ ଭାଇ ଭଉଣୀଙ୍କ ସହଯୋଗରେ ଉତ୍ସବଟି ସଫଳ ହୋଇ ଥିଲା।

## କେନ୍ଦୁଝର ଜିଲ୍ଲା ଯୋଜନା ବୋର୍ଡ ନିର୍ବାଚନରେ ବିଜେଡିର ବାଜିମାତ
### ସମସ୍ତ ୧୪ଟି ଆସନ ଜିତିଲେ ବିଜେଡି ପ୍ରାର୍ଥୀ



କେନ୍ଦୁଝର,୨୩/୭(ନି/ପ୍ର):କେନ୍ଦୁଝର ଜିଲ୍ଲା ଯୋଜନା ବୋର୍ଡ ନିର୍ବାଚନରେ ବିଜୁ ଜନତା ଦଳର ପ୍ରାର୍ଥୀ ମାନେ ବାଜିମାତ କରିଛନ୍ତି। ସମସ୍ତ ୧୪ ଗୋଟି ସିଟରେ ବିଜୁ ଜନତା ଦଳର ପ୍ରାର୍ଥୀ ମାନେ ବିପୁଳ ବିଜୟୀ ହୋଇଛନ୍ତି। ଜିଲ୍ଲା ଯୋଜନା ବୋର୍ଡରେ ସଦସ୍ୟ ନିମନ୍ତେ ନାମାଙ୍କନ ପରେ ଜୁଲାଇ ୮ତାରିଖରେ ଯାଂଚହୋଇ ପ୍ରଥମ ଦଫାରେ ବିଜେଡିର ସମସ୍ତ ୭ ଜଣ ସାଧାରଣ ବର୍ଗର ପ୍ରାର୍ଥୀ ଯେପରିକି ୨ନମ୍ବର ଜୋନର ସଦସ୍ୟ ଜିତେନ୍ଦ୍ର ସାମଲ, ୫ନମ୍ବର ଜୋନ ସଦସ୍ୟ ରଥ ମୁଣ୍ଡା, ୯ନମ୍ବର ଜୋନ ସଦସ୍ୟ ସୁରେନ୍ଦ୍ର ଜେନା, ୨୦ ନମ୍ବର ଜୋନର କେଦାର ଚନ୍ଦ୍ର ପ୍ରଧାନ, ୨୬ ନମ୍ବର ଜୋନର ଶଶୀକାନ୍ତ ଖିଲାର, ୨୯ ନମ୍ବର ଜୋନର ସଦସ୍ୟ ବୁଦ୍ଧଦେବ ମହାକୁଡ଼ ଏବଂ ୩୭ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ ବିଦ୍ୟାଧର ବିଶ୍ୱାଳ ପ୍ରମୁଖ ନିର୍ଦ୍ୱନ୍ଦରେ ବିଜୟୀ ହୋଇଥିଲେ। ଜୁଲାଇ ୨୧ତାରିଖ ମଙ୍ଗଳବାର ଦିନ ମହିଳା ବର୍ଗର ୭ ଗୋଟି ପଦବୀ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେପିର ୧ ନମ୍ବର ଜିଲ୍ଲା ପରିଷଦ ସଦସ୍ୟା ଅସୀମା ମିଶ୍ର ପରାଜିତ ହୋଇଥିବାବେଳେ ବିଜେଡିର କୌଶଲ୍ୟା ସେଠୀ, କ୍ଷୀରୋଦିନୀ ମହାକୁଡ଼, ମଧୁସ୍ମିତା ଦାସ , ମଇନ ସୋରେନ, ରମଣୀ ନାୟକ, ରୁନୁ ମହାନ୍ତ, ଏବଂ ଶାନ୍ତିଲତା ରଣା ବିଜେଡିର ୭ ଜଣ ପ୍ରାର୍ଥୀନୀ ବିଜୟୀ ହୋଇଛନ୍ତି। ସୂଚନା ଯୋଗ୍ୟ ଯେ କେନ୍ଦୁଝର ଜିଲ୍ଲା ପରିଷଦର ୩୭ ଗୋଟି ଜୋନ ରହିଛି। ସେଥି ମଧ୍ୟରୁ ସଦର ବ୍ଲକର ୪ ନମ୍ବର ଜୋନ ସଦସ୍ୟା ଲୀଳାବତୀ ମହାନ୍ତ ଏବଂ ପାଟଣା ବ୍ଲକର ଜୋନ ନମ୍ବର ୨୧ ର ସଦସ୍ୟ ପ୍ରଫୁଲ୍ଲ ନାୟକଙ୍କର ମୃତ୍ୟୁ ଯୋଗୁଁ ପଦବୀ ଖାଲି ରହିଛି। ଅନ୍ୟପକ୍ଷରେ ଘଟଗାଁ ବ୍ଲକ ୮ନମ୍ବର ଜୋନର ସଦସ୍ୟା ରଞ୍ଜିତ ନାୟକ ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ତେଣୁ ବର୍ତ୍ତମାନ ୩୪ଜଣ ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟା ରହିଛନ୍ତି। ଜିଲ୍ଲା ଯୋଜନା ବୋର୍ଡରେ ବିଜେଡିର ସମସ୍ତ ୧୪ଗୋଟି ଆସନରେ ବିଜୟୀ ପ୍ରାର୍ଥୀ ମାନଙ୍କୁ ବିଜେଡିର କେନ୍ଦୁଝର ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତି, ବିଜେଡି ନେତା ତଥା ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରମୋଦ ପଟ୍ଟନାୟକ, ବିଜେଡି ନେତ୍ରୀ ତଥା ପୂର୍ବତନ ପୌରାଧକ୍ଷା ମୀନା ମାଝୀ, ବିଜେଡି ନେତା ପୂର୍ଣ୍ଣଚନ୍ଦ୍ର ସାହୁ, ବିଜେଡି ଆଇଟି ସେଲର ଜଗଦୀଶ ଆପଟଙ୍କ ସମେତ ବହୁ ବିଜେଡି ନେତା ଜିଲ୍ଲା ପରିଷଦ କାର୍ଯ୍ୟାଳୟକୁ ଯାଇ ଶୁଭେଚ୍ଛା ଜଣାଇଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ କିଶୋର ନ୍ୟାୟ ଆଇନ୍ ଓ ସାଇବର ସୁରକ୍ଷା ଉପରେ ସଚେତନତା ଶିବିର

ବଲାଙ୍ଗୀର,୨୩/୭(ନି/ପ୍ର): ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ପଥରଚେପା ଠାରେ ଅବସ୍ଥିତ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଠାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ବଲାଙ୍ଗୀର ତରଫରୁ କିଶୋର ନ୍ୟାୟ ଆଇନ୍ ଓ ସାଇବର ସୁରକ୍ଷା ଉପରେ ଶିଶୁ ଓ ଅଭିଭାବକମାନଙ୍କ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯକ୍ରମରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷ କ୍ଷମାନିଧି ଝାଙ୍କର ଙ୍କ ଅଧକ୍ଷତାରେ ସଚେତନତା ଅଭିଯାନ ଆରମ୍ଭକରାଯାଇଛି। କାର୍ଯକ୍ରମରେ ଶିକ୍ଷକ ବିକ୍ରମ ଭୁଏ ସମସ୍ତଙ୍କୁ ସ୍ୱାଗତ ଜଣାଇ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ସାମାଜିକ କର୍ମୀ ଅରୁଣ ଖୁଆସ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି କିଶୋର ନ୍ୟାୟ ଆଇନ୍, ବାଲ୍ୟ ବିବାହ ନିଷେଧ ଆଇନ, ଶିଶୁ ଶ୍ରମିକ ଆଇନ୍, ଲିଙ୍ଗ ନିରୂପଣ ଆଇନ୍ ଉପରେ ଜଣାଇଥିଲେ। ମୁଖ୍ୟତଃ ବର୍ତମାନ ପରିସ୍ଥିତିରେ ସାଇବର୍ ସୁରକ୍ଷା ପାଇଁ ରଖିବା, ଅନ୍ୟାନ୍ୟ ଅଜଣା ଲିଙ୍କ୍ କୁ କ୍ଲିକ୍ ନ କରିବା, ସାଇବର୍ ବୁଲିଂ ଅର୍ଥାତ୍ ଭୟଭୀତ କରୁଥିବା ବିଷୟ ଜଣାଇବା ଏବଂ ସରକାରୀ ସହାୟତା ନମ୍ବର୍ ୧୯୩୦କୁ ତୁରନ୍ତ ଜଣାଇବାପାଇଁ ବୁଝାଇ କହିଥିଲେ। ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତୀ କହିଲେ ଶିଶୁମାନେ ଶିକ୍ଷା ପ୍ରତି ଆଗ୍ରହ ହୋଇ ବୈଷୟିକ, ସେଲ୍ଫ ଫାଇନାନ୍ସ, ପିପିପି ମୋଡ, ବୃତିଭିତିକ ଶିକ୍ଷା ରେ ନିଯୁକ୍ତି ସୁଯୋଗ ଥିବାରୁ ଅନୁସରଣ କରିବାକୁ ପ୍ରବର୍ତାଇଥିଲେ। କୌଣସି ଅନଲାଇନ ତଥା ଫେସବୁକ୍, ଇନଷ୍ଟାଗ୍ରାମ, ହ୍ୱାଟସେପ୍, ୟୁଟ୍ୟୁବ ଭିଡିଓ, ମେସେଜର ଭଲ ଦିଗଗୁଡ଼ିକୁ ଅନୁସରଣ କରି ଭୁଲ ଦିଗକୁ ବ୍ୟବହାର ନ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ସାମାଜିକ କର୍ମୀ ହରିବନ୍ଧୁ ରାଉତ୍ ଉପସ୍ଥିତ ଥିଲେ। ଏହି କାର୍ଯକ୍ରମରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଠାରେ ବିଦ୍ୟାଳୟର ଶିକ୍ଷକ ଗୀତାଞ୍ଜଳି ମେହେର, ସୀମାଂଚଳ ସାହୁ, ନରୋତମ ପଟେଲ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପରିଶେଷରେ ହରିବନ୍ଧୁ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରି କାର୍ଯକ୍ରମ ଶେଷ କରିଥିଲେ।

## ହେରା ପଂଚମୀ ଉପଲକ୍ଷେ ଭଜନ ସମାରୋହ

ବଲାଙ୍ଗୀର,୨୩/୭(ନି/ପ୍ର): ପବିତ୍ର ହେରା ପଂଚମି ଅବସରେ ବଲାଙ୍ଗୀର ସାଂସ୍କୃତିକ ଅନୁଷ୍ଠାନ ପଂଚମର ୩୦ ତମ ଭଜନ ସମାରୋହ ସ୍ଥାନୀୟ ରାଧାକୃଷ୍ଣ ମନ୍ଦିର ପରିସରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଡା. ଲଳିତ କୁମାର ସାହୁଙ୍କ ଉଦଘାଟନ ପରେ ସଭାପତି ମୁରଲି ଧାରି ପତି ମିଛ ଦୁନିଆରେ ଗୋଟିଏ ସତ ଗୀତରୁ ପ୍ରାରମ୍ଭ କରିଥିଲେ ପରେ ପରେ କଣ୍ଠ ଶିଳ୍ପୀ ବର୍ଷା ବହିଦାର, ବିଜ୍ଞଏଷି ବାରିକ, ଦୀପ୍ତି ପ୍ରକାଶ ଦାସ, ଚିନ୍ମୟ ହିଆଲ, ମଧୁସ୍ମିତା ସାହୁ, ଶ୍ରୁତିବିନ୍ଦୁ ଝାଙ୍କର, ଆୟୁଷ୍ମାନ ପାଣିଗ୍ରାହୀ, କୃଷ୍ଣ କୁମାର ବେହେରା, ପ୍ରିୟାଂଶ ପଣ୍ଡା ତ୍ରିବିବେଶ ପଟଟନାୟକ, ଅଙ୍କିତ କୁମାର ସାହୁ, ଅମ୍ବିକା ବହିଦାର, କ୍ରିଷ୍ଟରାଜ ପତି ପ୍ରଭୃତି ସୁଲଳିତ କଣ୍ଠରେ ଜଗନ୍ନାଥ ଭଜନ ପରିବେଷଣ କରିଥିଲେ ।

## ଚିନ୍ତାମଣୀ ଗୁରୁଜୀଙ୍କ ଜୀବନାଦର୍ଶ ଉପରେ ଆଲୋଚନାଚକ୍ର

କେନ୍ଦ୍ରାପଡ଼ା,୨୩/୭(ନି/ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଅଙ୍ଗୁଳାଇ ଠାରେ ମଧୁସାଗର ଆବାସିକ ବିଦ୍ୟାପୀଠର ପ୍ରତିଷ୍ଠାତା ୰ଚିନ୍ତାମଣୀ ଗୁରୁଜୀଙ୍କ ଛାତ୍ର ତଥା ଶିକ୍ଷକ ନେତା ଭ୍ରମର ରାଉତଙ୍କ ଜନ୍ମ ବାର୍ଷିକ ଅବସରରେ ଅଙ୍ଗୁଳାଇ ଗ୍ରାମଦେବୀ ମା ତାରିଣୀଙ୍କ ପୀଠରେ ଗୁରୁଜୀଙ୍କ ଜୀବନାଦର୍ଶ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶହେରୁ ଉର୍ଦ୍ଧ୍ୱ ବିଭିନ୍ନ ହାଇସ୍କୁଲର ଛାତ୍ରଛାତ୍ରୀ, ପୂର୍ବତନ ଛାତ୍ରଛାତ୍ରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଗାନ୍ଧିପନ୍ଥୀ, ସମାଜ ସଂସ୍କାରକ, ସ୍ୱାଧୀନତା ସଂଗ୍ରାମୀ ଓ ଆଦର୍ଶ ଶିକ୍ଷକ ଚିନ୍ତାମଣୀ ଗୁରୁଜୀଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ୰ଗୁରୁଜୀ ନିଜର ସମସ୍ତ ସମ୍ପତି ଦାନ କରି ୧୯୬୭ରେ ଟ୍ରଷ୍ଟବୋର୍ଡ ଗଠନ କରିଥିଲେ। ସନ୍ଥ ବିନୋବାଙ୍କ ଠାରୁ ଆରମ୍ଭ କରି ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ, ପୁଣ୍ୟାତ୍ମା ଗୋପବନ୍ଧୁ ଚୌଧୁରୀ, ରମାଦେବୀ ଆଚାର୍ଯ୍ୟ ହରିହର, ଅନ୍ନପୂର୍ଣ୍ଣା ମହାରଣା, ମାଳତୀ ଚୌଧୁରୀ, ମନମୋହନ ଚୌଧୁରୀ, ତତ୍କାଳୀନ ଭାରତର ଜାତୀୟ କଂଗ୍ରେସର ସଭାପତି ୟୁ.ଏନ୍ ଧେବର ଓ ଗୁରୁଜୀଙ୍କ ଛାତ୍ର ଦିବଂଗତ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ମଧୁସାଗର ବିଦ୍ୟାପୀଠ ଆସିଥିଲେ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ୧୯୪୮ରେ ନିପଟ ମଫସଲ ନଦୀନାଳ ଘେରା ଅଂଚଳର ଶିକ୍ଷାର ପ୍ରଚାର ପ୍ରସାର ପାଇଁ ଗୁରୁଜୀ ମଧୁସାଗର ବିଦ୍ୟାପୀଠ ପ୍ରତିଷ୍ଠା କରି ଗାନ୍ଧିଜୀଙ୍କ ମୌଳିକ ଶିକ୍ଷା ପ୍ରଚଳନ କରି ପାଠପଢ଼ା ସହିତ ଧନ୍ଦାମୂଳକ ଶିକ୍ଷା ପ୍ରଚଳନ କରି ଗରିବ ଅସହାୟ ପିଲାମାନଙ୍କୁ ମାଗଣାରେ ଶିକ୍ଷାଦାନ କରିବା ସହ ସେମାନଙ୍କୁ ସ୍ୱାବଲମ୍ବୀ କରି ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିଥିଲେ। ଏଥିସହିତ ସମାଜ ସଂସ୍କାର ମାଧ୍ୟମରେ କମ୍ ବୟସ ବିଧବା ମହିଳାଙ୍କୁ ଦ୍ୱିତୀୟ ବିବାହ କରାଇ ମହିଳାଙ୍କୁ ନୂତନ ଦିଶା ଦେଖାଇଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରହ୍ଲାଦ ଚନ୍ଦ୍ର ସ୍ୱାଇଁ, ବୈଷ୍ଣବ ଖଣ୍ଡୁଆଳ, କେଶବ ଚରଣ ଲେଙ୍କା, ପ୍ରଭାତି ସାହୁ, ଅରବିନ୍ଦ ସ୍ୱାଇଁ, ବିଦୁଲତା ପତି, ଧ୍ରୁବଚରଣ ସାହୁ, ନୀଳମାଧବ ରାଉତ, ସେକ୍ ମନସୁର୍ ଅଲ୍ଲୀ, କ୍ୟାପଟେନ୍ ପ୍ରେମାନନ୍ଦ ରାଉତ, ମନୋଜ ନନ୍ଦ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାପୀଠର ଅବସରପ୍ରାପ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଓ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚିନ୍ତାମଣୀ ଗୁରୁଜୀ ଓ ରୁକ୍ମଣୀ ଦେବୀ ସ୍ମାରକୀ ନ୍ୟାସର ସଭାପତି ବୃନ୍ଦାବନ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଭା ଶେଷରେ ଭ୍ରମର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ପୋଲିସ ଓ ଖଣି ବିଭାଗ ମିଳିତ ଛାନଭିନ : ୫ ଚୋରା ବାଲି ବୋଝେଇ ହାଇୱା ଗାଡି ଜବତ



ରଣପୁର,୨୩/୭(ନି/ପ୍ର): ରାଜ୍ୟରେ ଲଘୁଜାତ ଖଣିଜ ପଦାର୍ଥ ରାଜସ୍ୱ ବିଭାଗ ହାତରୁ ଖଣି ବିଭାଗ ହାତକୁ ହସ୍ତାନ୍ତର କରାଯାଇଥିଲା। ଉଦ୍ଦେଶ୍ୟ ଥିଲା ଚୋରା ଚାଲାଣ ବନ୍ଦ ହେବା ସହ ଅଧିକ ରାଜସ୍ୱ ଆଦାୟ। କିନ୍ତୁ ଖଣି ବିଭାଗ ହାତରେ ଅଧିକ କର୍ମଚାରୀ ସମ୍ବଳ ନଥିବାରୁ ଲଘୁଜାତ ଖଣିଜ ପଦାର୍ଥଚୋରା ଚାଲାଣ ବଢିବା ଯୋଗୁଁ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ସେଭଳି ଦେଖିବାକୁ ମିଳୁଛି ନୟାଗଡଜିଲ୍ଲା ରଣପୁର ଅଚଂଳରେ। ନୟାଗଡ ଜିଲ୍ଲା ଗଣିଆ ନିକଟ ସିଦ୍ଧାମୁଳା ଘାଟରୁ ଚୋରା ବାଲି ଚାନ୍ଦପୁର ଥାନା ଏପରିକି ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ପର୍ଯ୍ୟନ୍ତ ବିନା କାଗଜପତ୍ରରେ ଚାଲାଣ ହେଉଥିବା ଅଭିଯୋଗ ହେଉଛି। ଚାନ୍ଦପୁର ଥାନା ପୋଲିସ ଆଇନଶୃଙ୍ଖଳା ଉପରେ ବ୍ୟସ୍ତ ଥିବାବେଳେ ଖଣି ବିଭାଗରେ କର୍ମଚାରୀ ଅଭାବ ଚୋରା ବାଲି ଚାଲାଣକାରୀଙ୍କୁ ସୁହାଉଛି। ନୟାଗଡ ଖଣି ଅଧିକାରୀ ଭାବେ ଜିତେନ୍ଦ୍ର କୁମାର ହାଁସଦା ଯୋଗଦେଲା ପରେ ଚୋରା ବାଲି ଚାଲାଣ ରୋକିବା ଉପରେ ଗୁରୁତ୍ୱ ଦେଉଥିବା ଜଣାପଡିଛି। ହାଁସଦା ଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଖଣି ଅଧିକାରୀ ଦେବାଶିଷ ନାୟକ ଓ ଚାନ୍ଦପୁର ଥାନା ନିରୀକ୍ଷକ ଅଭୟ ବେହେରା ଜୁଲାଇ ୨୨ ତାରିଖ ସକାଳୁ ରଣପୁର ଚାନ୍ଦପୁର ପୂର୍ତ୍ତରାସ୍ତାରେ ମିଳିତ ଛାନଭିନ କରିବା ସମୟରେ ୫ଟି ବାଲିବୋଝେଇ ହାଇୱା ଗାଡି ତନଖି କରିଥିଲେ। ତନଖି ସମୟରେ ଆବଶ୍ୟକ ବାଲି ଚାଲାଣ କାଗଜ ଦେଖାଇ ପାରିନଥିଲେ ଚାଳକ। ତେଣୁ ୫ଟି ଯାକ ଚୋରା ବାଲି ବୋଝେଇ ହାଇୱା ଜବତ ସହ ୫ଟି ମାମଲା ରୁଜୁ ହୋଇଥିବା ଅତିରିକ୍ତ ଖଣି ଅଧିକାରୀ ନାୟକ ସୂଚନା ଦେଇଛନ୍ତି। ଖଣି ଆଇନ ଅନୁଯାଇ ଦଣ୍ଡ ବିଧାନ କରାଯିବ। ଗିରଫ ଚାଳକମାନଙ୍କୁ ଥାନାରୁ ନୋଟିସରେ ଛାଡ଼ିଥିବା ଜଣାପଡିଛି। ଏହି ଚଢ଼ାଉ ଖବର ପାଇ ପ୍ରତିଦିନ ଚୋରା ବାଲି ଚାଲାଣ ହେଉଥିବା ଶହ ଶହ ହାଇୱା କେଉଁ ଆଡେ ଛପି ଯାଇଥିଲା। ଆଗକୁ ଚଢ଼ାଉକୁ ବ୍ୟାପକ କରାଯିବ ବୋଲି ଖଣି ଅଧିକାରୀ ନାୟକ ଓ ଥାନା ନିରୀକ୍ଷକ ବେହେରା କହିଛନ୍ତି।

ଉତ୍କଳ ସମାଚାର

## ସମ୍ପାଦକୀୟ...

**ଶୁକ୍ରବାର ୨୪ ଜୁଲାଇ ୨୦୨୬**

# ନେହେରୁ ଅତୁଳନୀୟ



୧୯୪୭ ମସିହାରେ ଭାରତ ସ୍ୱାଧୀନ ହେବା ପରେ ପ୍ରଥମ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିଲେ କାଶ୍ମୀରୀ ପଣ୍ଡିତ ଜବାହରଲାଲ ନେହେରୁ ଓ ମହାତ୍ମା ଗାନ୍ଧୀଙ୍କ ପସନ୍ଦ ଥିଲେ ନେହେରୁ । ସ୍ୱାଧୀନତା ପ୍ରାପ୍ତି ପରେ ଏକ ଜନଗହଳିପୂର୍ଣ୍ଣ ସ୍ଥାନରେ ହଠାତ ଜଣେ ଉତ୍ତେଜିତ ମହିଳା ନେହେରୁଙ୍କ କଲାର ଧରି ଚିତ୍କାର କରି ପଚାରିଥିଲେ, ଭାରତ ସ୍ୱାଧୀନ ହେଲା, ଆମକୁ କଣ ମିଳିଲା ଓ ନେହେରୁ ଅଳ୍ପ ହସି ଉତ୍ତର ଦେଇଥିଲେ ଆପଣଙ୍କୁ ସ୍ୱାଧୀନତା ମିଳିଲା ଯାହା ଫଳରେ ଆପଣ ଦେଶର ପ୍ରଧାନମନ୍ତ୍ରୀଙ୍କ କଲାର ଧରିପାରିଲେ ଓ ନେହେରୁଙ୍କ ସରଳ ଉତ୍ତରରେ ଥିଲା ଗଭୀରତା । ସହନଶୀଳତା ଓ ଭାରତରେ ସଂସଦୀୟ ଗଣତାନ୍ତ୍ରିକ ଶାସନ ପ୍ରତିଷ୍ଠା ଥିଲା ନେହେରୁଙ୍କ ସୁଦୂରପ୍ରସାରୀ ଚିନ୍ତାଧାରାର ମୂଳଦୁଆ । ସ୍ୱାଧୀନତା ସଂଗ୍ରାମରେ ଦୀର୍ଘ ୯ ବର୍ଷ ଜେଲରେ କଟାଇଥିବା ନେହେରୁ ତାଙ୍କର ୧୯୬ କୋଟି ଟଙ୍କାର ସମ୍ପତ୍ତି ଭାରତକୁ ଦାନ କରିଥିଲେ । ଭାରତର ପ୍ରଥମ ବଜେଟର ମୋଟ ପରିମାଣ ଥିଲା ୧୯୭ କୋଟି ଟଙ୍କା । ସେତେବେଳେ ବିଦେଶୀ ଶକ୍ତିଗୁଡିକ ଭାରତରେ ଗଣତନ୍ତ୍ର ବେଶି ଦିନ ତିଷ୍ଠିବ ନାହିଁ ବୋଲି ସମାଲୋଚନା କରିବା ସହ କେହି କୌଣସି ପ୍ରକାର ଆର୍ଥିକ ସହଯୋଗ କରିବା ପାଇଁ ଆଗ୍ରହ ପ୍ରକାଶ କରିନଥିଲେ । ନେହେରୁଙ୍କ ପ୍ରଚେଷ୍ଟାରେ ଭାରତ ଧୀରେ ଧୀରେ ପ୍ରଗତିର ପାହାଚ ଚଢ଼ିଥିଲା ଓ ୧୯୫୦ ରେ ସମ୍ବିଧାନର ଲୋକାର୍ପଣ ପରେ ୧୯୫୨ ରେ ଅନୁଷ୍ଠିତ ପ୍ରଥମ ଲୋକସଭା ନିର୍ବାଚନରେ ନେହେରୁ ବିପୁଳ ସଂଖ୍ୟକ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ ଓ ଦେଶକୁ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରିବା ଛୋଟ, ବଡ ଏପରି ୧୨୦୦ ବନ୍ଧ ନିର୍ମାଣ କରିଥିଲେ ନେହେରୁ ଓ ନେହେରୁଙ୍କ ଉଦ୍ୟମରେ ଜାମ୍ମୁ -କାଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ରହିଲା ଓ ୧୩୦ ଟି ଦେଶକୁ ନେଇ ଗଠିତ ଗୋଷ୍ଠୀ ନିରପେକ୍ଷ ଆନ୍‌ଦୋଳନରେ ପ୍ରମୁଖ ଭୂମିକା ନିଭାଇବାରେ ସଫଳ ହୋଇଥିଲା ଭାରତ ଓ ଭାରତ ବିଭିନ୍ନତା ମଧ୍ୟରେ ଏକତା ସୃଷ୍ଟି କରିବା ସହ ବିଦେଶକୁ ଶାନ୍ତି, ଅହିଂସା, ମୈତ୍ରୀ ଓ ସଂହତିର ବାର୍ତ୍ତା ପ୍ରେରଣ କରିଥିଲା ଓ ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ଭାବରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ କୋଇଥିଲା ଓ ବିଜ୍ଞାନ, କଳା, ସଂସ୍କୃତି, ରାଷ୍ଟ୍ରାୟନ୍ତ ଉଦ୍‌ଯୋଗ ପ୍ରତିଷ୍ଠାରେ ନେହେରୁଙ୍କ ଅବଦାନ ଅବିସ୍ମରଣୀୟ ଓ ନେହେରୁ ତାଙ୍କର ୧୭ ବର୍ଷର କାର୍ଯ୍ୟକାଳ ମଧ୍ୟରେ ଭାରତକୁ ପ୍ରଗତିର ଏକ ଉନ୍ନତ ସୋପାନରେ ପହଚାଂଇବାରେ ସଫଳ ହୋଇଥିଲେ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କର ପ୍ରିୟପାତ୍ର ଥିଲେ ନେହେରୁ ଓ ଶିଶୁମାନଙ୍କର ଅତି ପ୍ରିୟ ଥିଲେ ଚାଚା ନେହେରୁ ଓ ସମଗ୍ର ବିଶ୍ୱରେ ମହାତ୍ମା ଗାନ୍ଧୀ ଓ ନେହେରୁଙ୍କ ଦର୍ଶନ ଓ ଚିନ୍ତାଧାରାର ପ୍ରସଙ୍ଗିକତା ଆଜି ବି ରହିଛି ଓ ରହିବ ଓ ଭାରତକୁ ଟିକିନିଖି ଭାବରେ ପଢିଥିବା ଓ ବୁଝିଥିବା ନେହେରୁଙ୍କ ବିରଳ ପୁସ୍ତକ, ଡିସ୍କଭରୀ ଅଫ ଇଣ୍ଡିଆ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ନେହେରୁଙ୍କ ବିଚାରଧାରାକୁ ପରିପୁଷ୍ଟ କରିଥାଏ । ନେହେରୁଙ୍କ ପରବର୍ତ୍ତୀ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଲାଲ ବହାଦୁର ଶାସ୍ତ୍ରୀ, ଇନ୍ଦିରା ଗାନ୍ଧୀ, ନରସିଂହ ରାଓ, ରାଜୀବ ଗାନ୍ଧୀ, ମନମୋହନ ସିଂହଙ୍କ ଯଥେଷ୍ଟ ଅବଦାନ ରହିଛି । ମାତ୍ର ୫୫ ବର୍ଷ ବାଦ ଦେଲେ ଦେଶକୁ ୧୯୫୨ ରୁ ୨୦୧୪ ପର୍ଯ୍ୟନ୍ତ କଂଗ୍ରେସ ହିଁ ଶାସନ କରିଛି ଓ ଲୋକତନ୍ତ୍ରକୁ ମଜବୁତ କରିଛି । ଆମେରିକା ଆଗରେ ମୁଣ୍ଡ ନୁଆଇଁ ନାହିଁ ଓ ପାକିସ୍ତାନକୁ ଉଚିତ ଶିକ୍ଷା ଦେଇଛି ଓ ଏବେ ନରେନ୍ଦ୍ର ମୋଦି ରେକର୍ଡ ତୃତୀୟ ଥର ପାଇଁ ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବରେ ନେହେରୁଙ୍କ କାର୍ଯ୍ୟକାଳ ଅବଧି ଅତିକ୍ରମ କରିଛନ୍ତି । ଏହାକୁ ଏକ ଐତିହାସିକ ସଫଳତା ଭାବରେ ବିଜେପି ପ୍ରଚାର କରୁଥିଲେ ସୁଦ୍ଧା ଏହି ସମୟ ସୀମା ମଧ୍ୟରେ ଭାରତ କଣ ପାଇଛି, କଣ ଗଢ଼ିଛି ଓ କଣ ହରାଇଛି, ତାହାର ତର୍ଜମା କାରିବାର ସମୟ ଆସିଛି ଓ କୌଣସି ସାମ୍ବିଧାନିକ ସଂସ୍ଥାର ସ୍ୱାୟତ୍ତତା ନାହିଁ । ବିଦେଶୀ ଋଣଭାରରେ ଭାରତ ଉବୁଟୁବୁ ହେଲାଣି । ପଡୋଶୀ ଦେଶମାନଙ୍କ ସହିତ କୂଟନୈତିକ ସମ୍ପର୍କରେ ଘୋର ଅବନତି ପରିଲକ୍ଷିତ ହୋଇଛି । ଆମେରିକାର ଦାଦାଗିରି ଆଗରେ ଭାରତ ମୁଣ୍ଡ ନୁଆଇଁଛି ଓ ଇସ୍ରାଏଲ ସହିତ ବନ୍ଧୁତା ବାନ୍ଧି ଇରାନ ଠାରୁ ଦୁରେଇ ଯାଇଛି ଓ ଆନ୍ତର୍ଜାତିକ କୂଟନୀତିରେ ପାକିସ୍ତାନ ଭାରତକୁ ପଛରେ ପକାଇ ଦେଇଛି ପାକିସ୍ତାନ ଓ ପ୍ରଧାନମନ୍ତ୍ରୀ କେବଳ ଘନଘନ ବିଦେଶ ଗସ୍ତ କରି ନିଜ ପାଇଁ ସମ୍ମାନ ସାଉଁଟିବାରେ ବ୍ୟସ୍ତ ରହିଛନ୍ତି । ଗଣମାଧ୍ୟମର ସ୍ୱାଧୀନତା ନାହିଁ । ନିର୍ବାଚନ ଆୟୋଗ ସରକାରୀ ଇସାରାରେ କାମ କରୁଛି । ଅନୁସନ୍ଧାନକାରୀ ଏଜେନସି ପକ୍ଷପାତ ନୀତି ଅବଲମ୍ବନ କରୁଛନ୍ତି । ଦେଶର ସମ୍ପତି ପୁଞ୍ଜିପତିଙ୍କ ହାତକୁ ଚାଲିଯାଇଛି । ଗୋମାଂସ ରପ୍ତାନୀରେ ଭାରତ ବିଶ୍ୱରେ ଏକ ନମ୍ବର ସ୍ଥାନରେ ରହିଛି ବୋଲି ଅଷ୍ଟ୍ରେଲିଆରେ ଗର୍ବର ସହ ପ୍ରକାଶ କରିଛନ୍ତି ମୋଦି । ଧର୍ମ, ସଂସ୍କୃତି ଓ ରାଷ୍ଟ୍ରବାଦକୁ ନେଇ ଭେଳିକି ସୀମା ଅତିକ୍ରମଣ କଲାଣି । ଦେଶର ଅର୍ଥନୀତି, ରପ୍ତାନୀ ଗୁରୁତର ସଙ୍କଟ ମଧ୍ୟରେ ଗତି କରୁଥିବା ବେଳେ ଡଲାର ତୁଳନାରେ ଟଙ୍କାର ଅବମୂଲ୍ୟାୟନ ସର୍ବକାଳୀନ ରେକର୍ଡ ଭାଙ୍ଗିଛି । ଆମଦାନୀ ବଢ଼ି ଚାଲିଥିବା ବେଳେ ଚୀନ ଓ ଜାପାନକୁ ବହୁ ପରିମାଣରେ ରାପ୍ତାନୀ ହେଉଥିବା ଭାରତୀୟ ବାସମତି ଚାଉଳ ଉଭୟ ଦେଶ ନିମ୍ନ ମାନର ଦର୍ଶାଇ ଆମଦାନୀ ବନ୍ଦ କରି ଦେଇଛନ୍ତି । ବିଶ୍ୱ ବ୍ୟାଙ୍କରେ ଭାରତର ଋଣ ପରିମାଣ ୨୫୦ ଲକ୍ଷ କୋଟିରେ ପହଚିଂଲାଣି ଓ ୨୦୧୪ ରେ ଏହା ଥିଲା ମାତ୍ର ୫୫ ଲକ୍ଷ କୋଟି ଓ ଅର୍ଥନୀତି, ଶିକ୍ଷା, ସ୍ୱାସ୍ଥ୍ୟ ସବୁ କ୍ଷେତ୍ରରେ ଦୁର୍ନୀତି ଚରମ ସୀମାରେ ପହଚିଂଛି ଓ ନିଟ ପ୍ରଶ୍ନପତ୍ର ବାରମ୍ବାର ଲିକ ହେଉଥିଲେ ମଧ୍ୟ ଶିକ୍ଷା ମନ୍ତ୍ରୀ ପିଏମଓ ଛାୟା ତଳେ ଶାନ୍ତିରେ ରହିଛନ୍ତି, କୌଣସି ଉତରଦାୟିତ୍ୱ ନାହିଁ ଓ ଏହିସବୁ ପରିପ୍ରେକ୍ଷୀରେ ନେହେରୁଙ୍କ ରେକର୍ଡ ଭାଙ୍ଗିଦେଲେ ମୋଦି ବୋଲି ପ୍ରଚାର କରିବା ହାସ୍ୟାସ୍ପଦ ଘଟଣା ଓ ନେହେରୁ ସର୍ବଦା ଅତୁଳନୀୟ ରହିବେ ଓ ଏହା ଚିରନ୍ତନ ସତ୍ୟ ।

# ଜ୍ଞାନ ଭଣ୍ଡାର

ସର୍ଭିସେସ୍ ରପ୍ତାନିରେ ଏଇ ଅଭିବୃଦ୍ଧି ଧାରାକୁ ଅବ୍ୟାହତ ରଖିବା ବର୍ତ୍ତମାନ ଆମ ସରକାର ଓ ନୀତିନିର୍ଦ୍ଧାରକମାନଙ୍କର ମୁଖ୍ୟ ଦାୟିତ୍ୱ ହେବା ଉଚିତ । ଉପସ୍ଥିତ ଆନ୍ତର୍ଜାତିକ ଅସ୍ଥିରତାକୁ ଦୃଷ୍ଟିରେ ରଖି ଏଥିରେ ବିବିଧତାର ପ୍ରବେଶକୁ ପ୍ରୋତ୍ସାହନ ପ୍ରଦାନ ଓ ମୂଲ୍ୟ ଶୃଙ୍ଖଳରେ ଆରୋହଣ ମଧ୍ୟ ଆମ ପାଇଁ ବିଶେଷ ଗୁରୁତ୍ୱ ବହନ କରିଥାଏ । ଭାରତକୁ ବିଶ୍ୱଗୁରୁ ରୂପେ ପ୍ରଦର୍ଶିତ କରାଯିବା ନିୟମିତ ଭାବରେ ଅନେକ ସମାଲୋଚକମାନଙ୍କ ଦ୍ୱାରା ଏକ ବ୍ୟଙ୍ଗବିଦ୍ରୂପର ବିଷୟବସ୍ତୁ ରୂପେ ବ୍ୟବହୃତ ହୋଇ ଆସୁଥିଲେ ହେଁ, ଅନ୍ତତଃ ଗୋଟିଏ ଇଲାକାରେ ଏହାର ପ୍ରମାଣକୁ ଚରମ ଭାରତ-ବିରୋଧୀମାନେ ମଧ୍ୟ ଅସ୍ୱୀକାର କରିପାରିବେ ନାହିଁ । ତାହା ହେଲା ଭାରତରେ ପୃଥିବୀର ଅଧିକାଂଶ ଛାମୁଆ ବହୁଦେଶୀୟ କଂପାନିମାନଙ୍କ ପାଇଁ ଜ୍ଞାନ ଭଣ୍ଡାର ରୂପେ ବିବେଚିତ ସେମାନଙ୍କର 'ବିଶ୍ୱ ସାମର୍ଥ୍ୟ କେନ୍ଦ୍ର' ('ଗ୍ଲୋବାଲ୍ କାପାବିଲିଟି ସେଟର୍ର ବା ସଂକ୍ଷେପରେ 'ଜିସିସି')ମାନଙ୍କର ଉପସ୍ଥିତି । ଏକ 'ଜିସିସି' ହେଉଛି ଏକ ବହୁଦେଶୀୟ କର୍ପୋରେସନ୍ ('ଏମ୍‌ଏନ୍‌ସି') ଦ୍ୱାରା ସ୍ଥାପିତ ଏକ କର୍ମସ୍ଥଳୀ ଯେଉଁଠି ସୁଦକ୍ଷ, ବିଶେଷଜ୍ଞ କର୍ମୀମାନେ କଂପାନି ତା'ର ସଫଳ ବ୍ୟବସାୟ ଓ ଉତ୍ତରୋତ୍ତର ଅଭିବୃଦ୍ଧି ପାଇଁ ଆବଶ୍ୟକ କରୁଥିବା ରଣନୈତିକ, ପ୍ରାବିଧିକ ଓ ପରିଚାଳନାଗତ କାର୍ଯ୍ୟମାନ ସଂପାଦନ କରିଥାନ୍ତି । ସେଠାରେ ସେମାନେ କଂପାନି ପାଇଁ ସୃଷ୍ଟି କରୁଥିବା ବୌଦ୍ଧିକ ସଂପତି ('ଇଣ୍ଟେଲେକ୍ ଚୁଆଲ୍ ପ୍ରପର୍ଟି') ଚୋରି ନ ହୋଇପାରିବା ଲାଗି ସମସ୍ତ ପ୍ରକାର ନିରାପତ୍ତା ନିଶ୍ଚିତ କରାଯାଇଥାଏ । ତାତ୍ପର୍ଯ୍ୟପୂର୍ଣ୍ଣ କଥା ହେଲା, ପୃଥିବୀର ଅଗ୍ରଣୀ 'ଏମ୍‌ଏନ୍‌ସି'ମାନେ ସେମାନଙ୍କର ନିଜ ଦେଶ ବାହାରେ ଯେତିକି ସଂଖ୍ୟକ 'ଜିସିସି' ସ୍ଥାପନ କରିଛନ୍ତି, ତାହାର ପ୍ରାୟ ଅର୍ଦ୍ଧେକ ସ୍ଥାପିତ ହୋଇଛି ଭାରତରେ, ଏଠାରେ ଯେଉଁମାନଙ୍କର ସଂଖ୍ୟା ୨,୧୦୦ ଛୁଇଁ ସାରିଲାଣି । ଗୁରୁତ୍ୱପୂର୍ଣ୍ଣ ଭାବରେ ଏଇ 'ଜିସିସି'ମାନଙ୍କରେ ନିଯୁକ୍ତ ବିଚକ୍ଷଣ କୁଶଳୀ ଭାରତୀୟ ଯୁବକଯୁବତୀମାନଙ୍କ ସଂଖ୍ୟା ୨.୩ ନିୟୁତ ଅତିକ୍ରମ କରିସାରିଲାଣି ବୋଲି ସୂଚନା ପ୍ରକାଶ ପାଇଲାଣି । ନିକଟ ଅତୀତରେ ଏକ ପ୍ରମୁଖ ସେବା ('ସର୍ଭିସେସ୍') ରପ୍ତାନିକାରୀ ଦେଶ ରୂପେ ଭାରତର ଯେଉଁ ନୂତନ ପରିଚୟ ସୃଷ୍ଟି ହୋଇଛି, ତାହାର ଏକ ପ୍ରମୁଖ ଅବଦାନ ହେଉଛି ଏଇ 'ଜିସିସି'ମାନଙ୍କର । ଏହାର ଏକ ଉଦାହରଣ ସ୍ୱରୂପ ଏଠାରେ ଉଲ୍ଲେଖ କରାଯାଇପାରେ ଯେ ୨୦୨୫-୨୬ ବିତ ବର୍ଷରେ ଭାରତର ମୋଟ ସେବା ରପ୍ତାନିର ମୂଲ୍ୟ ୪୨୧ ବିଲିଅନ୍ ଡଲାର ହୋଇଥିବା ବେଳେ, 'ଜିସିସି'ମାନଙ୍କରୁ ହୋଇଥିବା ରପ୍ତାନିର ଅଂଶ ଏଥିରେ ଥିଲା ୧୬୪ ବିଲିଅନ୍ ଡଲାର ବା ପ୍ରାୟ ୪୦ ଶତାଂଶ ବୋଲି ପ୍ରକାଶ ପାଇଛି । ଇଞ୍ଜିନିଅରିଙ୍ଗ ଗବେଷଣା ଓ ବିକାଶ ସେବା ('ଆର୍ ଆଣ୍ଡ ଡି' ସର୍ଭିସେସ୍), 'ଆଇଟି', 'ଆଇଟିଇଏସ୍' ଆଦି ହେଉଛନ୍ତି 'ଜିସିସି'ମାନଙ୍କରୁ ହୋଇଥିବା ରପ୍ତାନିର ମୁଖ୍ୟ ଅଂଶ । ଏହାର ପ୍ରଭାବରେ ଭାରତର ସର୍ଭିସେସ୍ ରପ୍ତାନିରେ ଏବେ ଦେଖାଯାଇଥିବା ଅଭିବୃଦ୍ଧି ଅନେକଙ୍କୁ ଚମତ୍କୃତ କରିଦେଇଛି । ଉଦାହରଣ ସ୍ୱରୂପ ୨୦୨୬-୨୭ ବିତ ବର୍ଷର ସଦ୍ୟସମାପ୍ତ ଏପ୍ରିଲ-ଜୁନ୍ ଚଉଠରେ ବାର୍ଷିକ ୬.୨ ଶତାଂଶ ହାରରେ ବୃଦ୍ଧି ଘଟି ତାହା ୧୦୩.୪ ବିଲିଅନ୍ ଡଲାର ହୋଇଥିଲା । ସମଗ୍ର ୨୦୨୬-୨୭ ବିତ ବର୍ଷରେ ଏଇ ବୃଦ୍ଧି ହାରରେ ଆହୁରି ଉନ୍ନତି ଦେଖାଦେଇ ତାହା ୧୧.୬ ଶତାଂଶ ହେବ ଓ ମୋଟ ସର୍ଭିସେସ୍ ରପ୍ତାନି ୪୭୦ ବିଲିଅନ୍ ଡଲାର ଅତିକ୍ରମ କରିବ ବୋଲି ପୂର୍ବାନୁମାନ ପ୍ରକାଶ ପାଇଛି । ଏହା ନିଶ୍ଚିତ ରୂପେ ସରକାର ନିକଟ ଭବିଷ୍ୟତରେ ରପ୍ତାନି ଏକ ଟ୍ରିଲିଅନ୍ ଡଲାର ସ୍ପର୍ଶ କରିବାକୁ ଯେଉଁ ଲକ୍ଷ୍ୟ ସ୍ଥାପନ କରିଛନ୍ତି, ତାହା ହାସଲ ହେବାରେ ସହାୟକ ହେବ । ସର୍ଭିସେସ୍ ରପ୍ତାନି ଅଭିବୃଦ୍ଧିର ଇଞ୍ଜିନ ଭଳି ହୋଇଥିବା ବେଳେ ଭାରତର ବାହ୍ୟ ଏକାଉଣ୍ଟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥାଏ । ଭାରତର ମୋଟ ଜାତୀୟ ଉତ୍ପାଦ ବା 'ଜିଡିପି'ରେ ସର୍ଭିସେସ୍ ରପ୍ତାନି ଯେ ଏକ କ୍ରମବର୍ଦ୍ଧିଷ୍ଣୁ ପ୍ରଭାବ ବିସ୍ତାର କରିଚାଲିଛି, ତାହା ନିମ୍ନୋକ୍ତ ପରିସଂଖ୍ୟାନରୁ ସାବ୍ୟସ୍ତ ହୋଇଥାଏ । କୋଭିଡ୍ ପାଣ୍ଡେମିକ୍ ପୂର୍ବବର୍ତ୍ତୀ ସମୟ ୨୦୧୬-୨୦ ବିତ୍ତ ବର୍ଷ ମଧ୍ୟରେ 'ଜିଡିପି'ରେ ସର୍ଭିସେସ୍ ରପ୍ତାନିର ଅଂଶ ୭.୪ ଶତାଂଶ ହୋଇଥିବା ବେଳେ ୨୦୨୩-୨୫ ବିତ ବର୍ଷ ମଧ୍ୟରେ ତାହା ବୃଦ୍ଧି ପାଇ ହୋଇଥିଲା ୯.୭ ଶତାଂଶ, ଯାହା ୨୦୨୫-୨୬ ବିତ ବର୍ଷରେ ହୋଇଛି ୧୦.୭ ଶତାଂଶ । ସର୍ଭିସେସ୍ ବାଣିଜ୍ୟରେ ଆମର ବଳକାରେ ଉନ୍ନତି ଘଟିବାର ଏକ ସୁଫଳ ସ୍ୱରୂପ ଆମର ସାମଗ୍ରିକ ବହିର୍ବାଣିଜ୍ୟ ଅର୍ଥାତ୍ ଉଭୟ ଦ୍ରବ୍ୟ ଓ ସେବା ଆମଦାନି ରପ୍ତାନି ହିସାବ ଖାତାରେ ଆମେ ସମ୍ମୁଖୀନ ହେଉଥିବା ନିଅଣ୍ଟରେ ସଂକୋଚନ ଘଟୁଛି । ଏହାଦ୍ୱାରା ଆମର କରେଣ୍ଟ ଏକାଉଣ୍ଟରେ ଅସନ୍ତୁଳନ ସହନୀୟ ସ୍ତରରେ ରହିପାରୁଛି । ଏହା ଆମ ପାଇଁ ଆଶ୍ୱସ୍ତି ସୃଷ୍ଟି କରୁଥିବା ବେଳେ ଆମ ପାଇଁ ଯାହା ଚିନ୍ତାଜନକ ହୋଇଥାଏ, ତାହା ହେଲା ଏ କ୍ଷେତ୍ରରେ ଅନୁଭୂତ ହେଉଥିବା ନୀତିଗତ ଅସ୍ଥିରତା ଏବଂ ବୃଦ୍ଧି ପାଇଚାଲିଥିବା ଆନ୍ତର୍ଜାତିକ ପ୍ରତିଯୋଗିତା । ବିଗତ ବିତ ବର୍ଷରେ ଏଥିଯୋଗୁଁ ସର୍ଭିସେସ୍ ରପ୍ତାନିରେ କିଛି ମାତ୍ରାରେ ଶିଥିଳତା ଦେଖାଦେଇଥିଲା । ତଥାପି ଭାରତୀୟ ଅର୍ଥନୀତିରେ ସର୍ଭିସେସ୍ ରପ୍ତାନି ଦଖଲ କରିଥିବା ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଯେଉଁଥି ପ୍ରତି ଆମର ଦୃଷ୍ଟି ଆକର୍ଷଣ କରିଥାଏ, ତାହା ହେଲା ଭାରତୀୟ ଅର୍ଥନୀତି ଚରିତ୍ରରେ ଘଟି ଚାଲିଥିବା ଦ୍ରୁତ ପରିବର୍ତ୍ତନ, ଯାହା କ୍ରମେ ଏକ ଜ୍ଞାନଭିତିକ ଅର୍ଥନୀତିରେ ପରିଣତ ହେବାକୁ ଲାଗିଛି । ଏହାର ଏକ ପ୍ରମାଣ ସ୍ୱରୂପ ଭାରତର ସର୍ଭିସେସ୍ ରପ୍ତାନିର ପ୍ରାୟ ଅର୍ଦ୍ଧେକ ହେବା ଦେଖାଯାଉଛି ଏକ ସଂପୂର୍ଣ୍ଣ ରୂପେ ଜ୍ଞାନଭିତିକ ସେବା- ସଫ୍ଟୱେଆର୍ ସର୍ଭିସେସ୍ । 'ଆର୍ ଆଣ୍ଡ ଡି', ପେସାଭିତିକ ସେବା ଓ ମ୍ୟାନେଜମେଣ୍ଟ କନ୍‌ସଲ୍‌ଟାନ୍‌ସି ଆଦି ଭଳି ବ୍ୟବସାୟ ସେବାର ରପ୍ତାନିରେ ମଧ୍ୟ କ୍ରମିକ ବୃଦ୍ଧି ଘଟିବା ପରିଲକ୍ଷିତ ହେଉଛି । ୨୦୧୪ରେ ଏଗୁଡ଼ିକର ମିଳିତ ଅଂଶ ୧୯ ଶତାଂଶ ହୋଇଥିବା ବେଳେ ୨୦୨୫-୨୬ ବିତ ବର୍ଷରେ ତାହା ୨୯.୪ ଶତାଂଶକୁ ବୃଦ୍ଧି ପାଇବା ଦେଖାଯାଇଛି । ସର୍ଭିସେସ୍ ରପ୍ତାନିରେ ଏଇ ଅଭିବୃଦ୍ଧି ଧାରାକୁ ଅବ୍ୟାହତ ରଖିବା ବର୍ତ୍ତମାନ ଆମ ସରକାର ଓ ନୀତିନିର୍ଦ୍ଧାରକମାନଙ୍କର ମୁଖ୍ୟ ଦାୟିତ୍ୱ ହେବା ଉଚିତ । ଉପସ୍ଥିତ ଆନ୍ତର୍ଜାତିକ ଅସ୍ଥିରତାକୁ ଦୃଷ୍ଟିରେ ରଖି ଏଥିରେ ବିବିଧତାର ପ୍ରବେଶକୁ ପ୍ରୋତ୍ସାହନ ପ୍ରଦାନ ଓ ମୂଲ୍ୟ ଶୃଙ୍ଖଳରେ ଆରୋହଣ ମଧ୍ୟ ଆମ ପାଇଁ ବିଶେଷ ଗୁରୁତ୍ୱ ବହନ କରିଥାଏ । ଭାରତରେ 'ଜିସିସି'ମାନଙ୍କର ଏଭଳି ଉପସ୍ଥିତି ସତ୍ତ୍ୱେ ଏହା ମଧ୍ୟ ପ୍ରଣିଧାନଯୋଗ୍ୟ ଯେ ପୃଥିବୀର ଫର୍ଚ୍ଚୁନ୍ ଗ୍ଲୋବାଲ୍ ୨୦୦୦ ତାଲିକାଭୁକ୍ତ ପ୍ରମୁଖ କଂପାନିମାନଙ୍କ ମଧ୍ୟରୁ ପ୍ରାୟ ଦୁଇ-ତୃତୀୟାଂଶ କଂପାନି ଏବେ ମଧ୍ୟ ଭାରତରେ ସେମାନଙ୍କର 'ଜିସିସି' ସ୍ଥାପନ କରିନାହାନ୍ତି । ସେମାନଙ୍କୁ ଯଦି ଆକର୍ଷିତ କରିବାରେ ଭାରତ ସଫଳ ହୁଏ, ତେବେ ଭାରତ ବାସ୍ତବରେ ଶିଳ୍ପବାଣିଜ୍ୟ ଜଗତରେ ଆଧୁନିକ ପୃଥିବୀର ଜ୍ଞାନ ଭଣ୍ଡାରରେ ପରିଣତ ହୋଇଯିବ । ଏହା ତା'ର 'ବିଶ୍ୱଗୁରୁ' ବୋଲାଇବା ଦାବିକୁ ଯଥାର୍ଥ ପ୍ରମାଣିତ କରିବ ।

# ନିର୍ମମ ଶିକ୍ଷକ

ଗଲା ଛଅ ମାସ ମଧ୍ୟରେ ଇରାନ ହୃଦୟଙ୍ଗମ କରି ସାରିଲାଣି ଯେ ପରମାଣୁ ବୋମା ଠାରୁ ମଧ୍ୟ ଯାହା ତାକୁ ବିଶ୍ୱ ପ୍ରେକ୍ଷାପଟରେ ଅଧିକ ପ୍ରଭାବଶାଳୀ କରିବ, ତାହା ହେଉଛି ହର୍ମୁଜ । ତାତ୍ତ୍ୱିକ ଦୃଷ୍ଟିରୁ ଅନେ ?ତିକ ମନେ ହେଉଥିଲେ ହେଁ ବ୍ୟାବହାରିକ ଦୃଷ୍ଟିରୁ ଯାହା ସ୍ୱୀକାର୍ଯ୍ୟ, ତାହା ହେଲା ଏଭଳି କିଛି ନାଡ଼ୀକୁ ଚିହ୍ନି ରଖିବା, ଯାହା ସଂଘାତ କାଳୀନ ଜରୁରୀ ସ୍ଥିତିରେ କାର୍ଯ୍ୟରେ ଲାଗିପାରେ ! ଗଲା ଜୁନ୍ ୧୭ ତାରିଖରେ, ଇରାନ ଓ ଆମେରିକା ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା 'ମେମୋରାଣ୍ଡମ ଅଫ୍ ଅଣ୍ଡରଷ୍ଟାଣ୍ଡିଙ୍ଗ' ବା 'ଏମ.ଓ.ୟୁ.' ପରେ ଯୁଦ୍ଧ ଆପାତତଃ ବନ୍ଦ ହୋଇଯିବ ବୋଲି ଧରି ନେଇ ଯେଉଁମାନେ ଆଶ୍ୱସ୍ତ ହୋଇଥିଲେ, ସେମାନେ ଏବେ ଆପଣା ଧାରଣାର କ୍ଷଣସ୍ଥାୟିତ୍ୱ ନେଇ ବିଚଳିତ । ଏବଂ ଯେତିକି ବିଚଳିତ, ତା'ଠାରୁ ଅଧିକ ଆଶଙ୍କାଗ୍ରସ୍ତ, କାରଣ ଯୁଦ୍ଧର ପରିଣାମ ଓ ପରିସମାପ୍ତି ଘେନି କୌଣସି ପୂର୍ବାନୁମାନ ଲଗାଇବା ଏଣିକି ସହଜ ମନେ ହେଉନାହିଁ । ଏହାର କାରଣ ରାଜିନାମା ସତ୍ତ୍ୱେ ସଂଘର୍ଷ ପୁଣି ଥରେ ଆରମ୍ଭ ହୋଇଯାଇଛି; ଉଭୟ ଆମେରିକା ଓ ଇରାନ ପକ୍ଷରୁ ନିସୃତ ସ୍ୱରରେ ଧମକଚମକ, ପ୍ରତିଶୋଧ ନେବାର କାମନା ଓ ଆସ୍ଫାଳନ ଆଦି ପରିଦୃଷ୍ଟ ହେଉଥିବାରୁ ମନେ ହେଉଛି, ଉଭୟ ପକ୍ଷ 'ଯେସାକୁ ତେସା'ର ଅସରନ୍ତି ଚକ୍ରର ଶିକାର ହୋଇ ସାରିଲେଣି । ତେବେ, ସେ ଯାହା ହେଉ, ଏହି ଯୁଦ୍ଧ, ସମସ୍ତ ଯୁଦ୍ଧ ଭଳି, ଏକ ନିର୍ମମ ଶିକ୍ଷକ ତୁଲ୍ୟ ପୃଥିବୀକୁ ଯେଉଁ ଶିକ୍ଷାମାନ ଦେବାରେ ଲାଗିଛି, ତହିଁରୁ ଅନ୍ତତଃ ପାଚଂଟି ସଂପର୍କରେ ଏକ କ୍ଷୁଦ୍ର ଆଲୋଚନା ଏଠାରେ ପ୍ରାସଙ୍ଗିକ ହୋଇପାରେ । ପ୍ରଥମ ଶିକ୍ଷା ହେଲା, ଅତ୍ୟାଧୁନିକ ଓ ଉନ୍ନତ ମାନର ଯୁଦ୍ଧାସ୍ତ୍ର ଓ ବିଶାଳ ଆୟୋଜନ ହୁଏତ ଯୁଦ୍ଧ ଜିଣିବା ସକାଶେ ଅପରିହାର୍ଯ୍ୟ ହୋଇ ନ ପାରେ । ଡ୍ରୋନ, ରକେଟ ଓ ମିସାଇଲ୍ ନିର୍ମାଣକୁ କୁଟୀର ଶିଳ୍ପରେ ପରିଣତ କରି ଦେଇଥିବା ଇରାନ ସେହି ସବୁ ଶସ୍ତା ଅସ୍ତ୍ର ଓ ଯୁଦ୍ଧ ସରଞ୍ଜାମ ଯୋଗେ ଆମେରିକାର ଅକଳ୍ପନୀୟ ଶକ୍ତିକ୍ଷୟ ଘଟାଇବାରେ ଲାଗିଛି । ଏହି ଯୁଦ୍ଧର ପର୍ଯ୍ୟବେକ୍ଷକମାନେ କହିଥାଆନ୍ତି ଯେ ଗଲା ଫେବ୍ରୁଆରି ମାସ ୨୮ ତାରିଖରେ ଇରାନ ଉପରେ ବୋମା ମାଡ଼ରୁ ଆକ୍ରମଣ ଆରମ୍ଭ କରିଥିବା ଆମେରିକା ଏପ୍ରିଲ ୧୮ ତାରିଖଠାରୁ ଆକାଶମାର୍ଗୀ ଆକ୍ରମଣ ବନ୍ଦ କରି ଦେବା ପଛରେ ଏକ ବଡ଼ କାରଣ ହେଉଛି 'ଆମ୍ୟୁନିସନ' ଅର୍ଥାତ୍ 'ଗୋଳାବାରୁଦ'ର ଯୋଗାଣରେ ସଂକୋଚନ; କାରଣ, ଅତ୍ୟନ୍ତ ଉଚ୍ଚ ମୂଲ୍ୟ ଯୁକ୍ତ ଏହି ଯୁଦ୍ଧ ସରଂଜାମ ଓ ଅସ୍ତ୍ର ଇତ୍ୟାଦିର ଅବିଚାରିତ ପ୍ରୟୋଗ ଆମେରିକା ସକାଶେ ମଧ୍ୟ ଆହ୍ୱାନମୂଳକ ହୋଇଥାଏ । ଇରାନର କ୍ଷେପଣାସ୍ତ୍ର ଦ୍ୱାରା ଆମେରିକାର ଏଫ-୧୫ ଲଢୁଆ ବିମାନର କ୍ଷୟ, କଦାଚିତ ସ୍ୱୀକାରଯୋଗ୍ୟ ହୁଅନ୍ତା କି ? କିନ୍ତୁ ତାହା ହିଁ ଘଟିଛି, ଯହିଁରେ ପ୍ରାୟ ୧୦୦ ମିଲିଅନ ଡଲାର ମୂଲ୍ୟର ଦୁର୍ଜେୟ ବୋଲି ଅଭିହିତ ଯୁଦ୍ଧ ବିମାନ ତା'ର ଅସ୍ତିତ୍ୱ ଓ ଯଶ ଉଭୟ ହରାଇଛି । ପୃଥିବୀର ବୃହତମ ନୌଶକ୍ତି ଭାବେ ପରିଚିତ ଆମେରିକାର ନୌବାହିନୀ ଦ୍ୱାରା ଇରାନୀ ନୌବାହିନୀ ପ୍ରାୟତଃ ବିଧ୍ୱସ୍ତ ହୋଇଥିଲେ ହେଁ କ୍ଷୁଦ୍ର ବୁଡ଼ାଜାହାଜ, ଛୋଟ ଜାହାଜ, ଏପରିକି 'ସ୍ପିଡ୍ ବୋଟ୍' ଆଦିର ବ୍ୟବହାର କରି ହର୍ମୁଜ ଜଳ ଡମ୍ବରୁ (ଷ୍ଟ୍ରେଟ୍) ଉପରେ ଇରାନ ତା'ର ପ୍ରଭାବ ଅକ୍ଷୁଣ୍ଣ ରଖିପାରିଛି, ଯଦ୍ଦ୍ୱାରା ଯୁଦ୍ଧ ଉପରୁ ଇରାନର କର୍ତ୍ତୃତ୍ୱକୁ ଅପସାରଣ କରାଯାଇ ପାରିନାହିଁ । ଦ୍ୱିତୀୟ ଶିକ୍ଷା, ନିର୍ଦ୍ଦିଷ୍ଟ ଭାବେ ସମସ୍ତ ଆରବ ଦେଶ ପାଇଁ ପ୍ରଯୁଜ୍ୟ, ଯେଉଁମାନେ ଆପଣା ସୁରକ୍ଷା ଭାରକୁ 'ଆଉଟସୋର୍ସିଂ' କରି ଦେଇ ଚିନ୍ତାଶୂନ୍ୟ ଆଳସ୍ୟରେ କାଳ ଅତିବାହିତ କରିଆସୁଥିଲେ । ଇରାନ ଆକ୍ରମଣର ଶିକାର ହେଉଥିବା ବେଳେ ଆରବ ରାଷ୍ଟ୍ରଗୁଡ଼ିକ ସଚେତନ ହୋଇଛନ୍ତି ଯେ ଆମେରିକୀୟ ସାମରିକ ଘାଟି ସ୍ଥାପନକୁ ପ୍ରଶ୍ରୟ ଦେଇଥିବାରୁ ସେମାନେ ଆକ୍ରମଣର ବିପଦ ବରଣ କରିଛନ୍ତି ସତ, ଅଥଚ ସୁରକ୍ଷାର ପୂରଣ କରିବାରେ ଆମେରିକା ବିଫଳ ହୋଇଛି । ସଂପ୍ରତି ଯୁଦ୍ଧର ଚରିତ୍ର ଯେମିତି ହେଲାଣି, ତହିଁରେ କୌଣସି ଦେଶ ସକାଶେ ଏକମାତ୍ର ତ୍ରାଣକର୍ତ୍ତା ହେବ ସାମରିକ କ୍ଷେତ୍ରରେ ସଂପୂର୍ଣ୍ଣ ଆତ୍ମନିର୍ଭରଶୀଳତା । ତୃତୀୟ ଶିକ୍ଷାଟି ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ ସକାଶେ, ଯିଏ ଡୋନାଲ୍‌ଡ ଟ୍ରମ୍ପଙ୍କ ଭଳି ଜଣେ ଅପରିଣାମଦର୍ଶୀ ଓ ବୋଧଶୂନ୍ୟ ବ୍ୟକ୍ତିଙ୍କୁ, ଯୋଜନାଶୂନ୍ୟ ଭାବେ, ନିଜ ସ୍ୱାର୍ଥ ଲାଗି ଏଭଳି ଏକ ଯୁଦ୍ଧରେ ବ୍ୟାପୃତ କରାଇ ଦେଇଛନ୍ତି, ଯାହାର ସମାପ୍ତିର ପରିଣତି ହେବ ଉଭୟ ରାଷ୍ଟ୍ରଙ୍କ ଭିତରେ ଥିବା ମିତ୍ରତାପୂର୍ଣ୍ଣ ସଂପର୍କର ବିଘଟନ । କାରଣ, ଏହି ଯୁଦ୍ଧ ନେଇ ଟ୍ରମ୍ପଙ୍କ ରଣହୁଙ୍କାର ସତ୍ତ୍ୱେ ଏହି ଅଭିଯାନର ବିଫଳତା ଜନିତ ବିଚଳିତବୋଧକୁ ମଧ୍ୟ ବାରି ହୋଇଥାଏ । ବାସ୍ତବରେ ସେ ଏହି ଯୁଦ୍ଧର ଆବର୍ତ୍ତରୁ ମୁକ୍ତି ଚାହାନ୍ତି, ଯାହା ଅନେକ ଆମେରିକୀୟ ବିଶେଷଜ୍ଞଙ୍କ ମତରେ ଆସନ୍ତା ନଭେମ୍ବର ମାସରେ ହେବାକୁ ଯାଉଥିବା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପୂର୍ବରୁ ଘଟିବା ସୁନିଶ୍ଚିତ । କାରଣ ଏହି ଯୁଦ୍ଧ ହେତୁ ଟ୍ରମ୍ପଙ୍କ ଲୋକପ୍ରିୟତାରେ ଯଥେଷ୍ଟ ସଂକୋଚନ ଘଟିସାରିଲାଣି । ତେଣୁ, କୌଣସିମତେ ଏକ ଚୁକ୍ତି ମାଧ୍ୟମରେ ସମ୍ମାନଜନକ ଭାବେ ଯୁଦ୍ଧରୁ ଅପସରି ଯିବା ଟ୍ରମ୍ପଙ୍କ ସକାଶେ ଅନିବାର୍ଯ୍ୟ ହୋଇପଡ଼ିବା ବେଳେ ଇରାନର ଜାତଶତ୍ରୁ ଇସ୍ରାଏଲ ସକାଶେ ତାହା ଆଦୌ ସ୍ୱୀକୃତ ହେବନାହିଁ । ଏଭଳି ମତଭେଦ ଜୁନ୍ ୧୭ର 'ଏମ.ଓ.ୟୁ.' ସଂପାଦିତ ହେଉଥିବା ବେଳେ ଦୃଷ୍ଟିଗୋଚର ହୋଇସାରିଛି । ଏହି ଯୁଦ୍ଧରେ ଦେଖିବାକୁ ମିଳିଛି ଯେ ଆରବ ଦେଶଗୁଡ଼ିକରେ ଥିବା, କେବଳ ଆମେରିକୀୟ ସାମରିକ ଘାଟୀ ବା ଭିତ୍ତିଭୂମି ଇତ୍ୟାଦି, ଇରାନ ଆକ୍ରମଣର ଶରବ୍ୟ ହୋଇ ନାହାନ୍ତି, ବାହାରିନ ଓ ୟୁ.ଏ.ଇ.ରେ ସ୍ଥାପିତ ଆମାଜନର କେତେକ ବିଶାଳ ଡେଟା ସେଣ୍ଟର, ସାଉଦି ଆରବର ବିଶାଳତମ ତୈଳ ଉତ୍ପାଦନ କେନ୍ଦ୍ର, ଏପରିକି ଦୁବାଇ ସହର ମଲ୍‌ଗୁଡ଼ିକ ମଧ୍ୟ ଆକ୍ରମଣ ସହିଛନ୍ତି । ଏହାର ଉଦ୍ଦେଶ୍ୟ, ସାମରିକ ସାମର୍ଥ୍ୟ ସହିତ ଦେଶର ଆର୍ଥିକ ଶକ୍ତିକୁ ମଧ୍ୟ ଆକ୍ରାନ୍ତ କରିବା । ଏହି ଯୁଦ୍ଧରୁ ଉପଲବ୍‌ଧ ମହତ୍ୱପୂର୍ଣ୍ଣ ଚତୁର୍ଥ ଶିକ୍ଷାଟି ହେଲା ଆକ୍ରମଣ କରିବାର ଦକ୍ଷତା ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷାକୁ ଅଭେଦ୍ୟ କରିବା ଏବଂ ଦେଶର ଅର୍ଥନୀତିରେ ବିଶେଷ ଅବଦାନ ରଖୁଥିବା ଅନୁଷ୍ଠାନଗୁଡ଼ିକୁ ସୁରକ୍ଷା କବଚ ପ୍ରଦାନ କରିବା । ଉଦାହରଣ ସ୍ୱରୂପ, କେ ?ଣସି ସମ୍ଭାବ୍ୟ ଯୁଦ୍ଧ ପରିପ୍ରେକ୍ଷୀରେ ଆମ ଦେଶରେ ଆଣବିକ ପ୍ରତିଷ୍ଠାନଗୁଡ଼ିକୁ, ସ୍ୱାଭାବିକ ଭାବେ, ଘନ ସୁରକ୍ଷା ବଳୟ ମଧ୍ୟକୁ ନିଆଯାଇଥାଏ; କିନ୍ତୁ ଏବେ ଘରୋଇ କ୍ଷେତ୍ରର ହୋଇଥିଲେ ହେଁ ରିଲାଏନ୍‌ସ ପେଟ୍ରୋକେମିକାଲ୍‌ସ ଭଳି ଘରୋଇ ଉଦ୍ୟୋଗ ସକାଶେ ମଧ୍ୟ ନିଘଞ୍ଚ ସୁରକ୍ଷା ବ୍ୟବସ୍ଥା ଆବଶ୍ୟକ । କେତେକ 'ମାର୍ସିଆଲ ଆର୍ଟ' ବା ସମର କଳାରେ ବା ଡ୍ୟୁମଗ ଭଳି ଫିଲିପାଇନୀୟ ଦ୍ୱନ୍ଦ୍ୱ ଯୁଦ୍ଧରେ 'ଚୋକ ପଏଣ୍ଟ'ର କୌଶଳ ଅବଲମ୍ବନ କରାଯାଇଥାଏ, ଯହିଁରେ ପ୍ରତିଦ୍ୱନ୍ଦ୍ୱୀର ଶରୀରର କୌଣସି ଅଂଶ ବା ନାଡ଼ୀକୁ ଚିପି ଧରିଲେ ସେ ଅବଶ ଓ ନିଷ୍କ୍ରିୟ ହୋଇଯାଏ । ଇରାନ ସେଭଳି ଏକ ନାଡ଼ୀକୁ ହର୍ମୁଜ ପ୍ରଣାଳୀ ରୂପରେ ପାଇଛି, ଯାହାକୁ ସେ ଚିପି ଧରିଥିବାରୁ ପୃଥିବୀ ତ୍ରାହି ତ୍ରାହି ଚିତ୍କାର କଲାଣି । ଏଠାରେ ସ୍ମରଣ ଯୋଗ୍ୟ ଯେ ଗଲା ବର୍ଷ ଇରାନ ଉପରେ ଇସ୍ରାଏଲ-ଆମେରିକା ପକ୍ଷରୁ ଆକ୍ରମଣ ଓ ତଜ୍ଜନିତ ୧୨ଦିନିଆ ଯୁଦ୍ଧ କାଳରେ ଇରାନ ହର୍ମୁଜ ଅବରୋଧ କରି ନ ଥିଲା । ବୋଧହୁଏ ସେହି ନାଡ଼ୀର ମାହାତ୍ମ୍ୟ ନେଇ ଇରାନ ସଚେତନ ନ ଥିଲା ! ଏବେ, ଇରାନ ଓ ଆମେରିକା ମଧ୍ୟରେ ପୁନର୍ବାର ଆରମ୍ଭ ହୋଇଥିବା ଦ୍ୱିତୀୟ ପାଳିର ଯୁଦ୍ଧ ପଛରେ ରହିଛି ହର୍ମୁଜ କର୍ତ୍ତୃତ୍ୱର ପ୍ରଶ୍ନ, ଯାହାକୁ ଇରାନ ନିକଟରୁ ଆମେରିକା ଛଡ଼ାଇ ଆଣିବାକୁ ଚାହେଁ । କିନ୍ତୁ, ଗଲା ଛଅ ମାସ ମଧ୍ୟରେ ଇରାନ ହୃଦୟଙ୍ଗମ କରି ସାରିଲାଣି ଯେ ପରମାଣୁ ବୋମା ଠାରୁ ମଧ୍ୟ ଯାହା ତାକୁ ବିଶ୍ୱ ପ୍ରେକ୍ଷାପଟରେ ଅଧିକ ପ୍ରଭାବଶାଳୀ କରିବ, ତାହା ହେଉଛି ହର୍ମୁଜ । ତାତ୍ତ୍ୱିକ ଦୃଷ୍ଟିରୁ ଅନୈତିକ ମନେ ହେଉଥିଲେ ହେଁ ବ୍ୟାବହାରିକ ଦୃଷ୍ଟିରୁ ଯାହା ସ୍ୱୀକାର୍ଯ୍ୟ, ତାହା ହେଲା ଏଭଳି କିଛି ନାଡ଼ୀକୁ ଚିହ୍ନି ରଖିବା, ଯାହା ସଂଘାତ କାଳୀନ ଜରୁରୀ ସ୍ଥିତିରେ କାର୍ଯ୍ୟରେ ଲାଗିପାରେ ! ଯୁଦ୍ଧର ଚରିତ୍ର ବଦଳୁଛି । ସେହି ଦୃଷ୍ଟିରୁ ଏହି ନିର୍ମମ ଶିକ୍ଷକ ସୂତ୍ରରୁ ଏହା ପଚଂମ ଶିକ୍ଷା ।

# ଜୀବନ୍ତ ପୃଥିବୀ

ଆମେ ଯେଉଁଭଳି ଜଳବାୟୁର ଧ୍ୱଂସ ସାଧନ କରୁଛୁ ଓ ଅଙ୍ଗାର ନିର୍ଗମନ କରୁଛୁ, ତା' ମାଧ୍ୟମରେ ଏକ କ୍ୟାନ୍‌ସର କୋଷ କିମ୍ବା ମାରାତ୍ମକ ଭୂତାଣୁ ଭଳି ଆମେ 'ଗାଇଆ'କୁ ଅର୍ଥାତ୍ ସମଗ୍ର ଜୀବନ୍ତ ପୃଥିବୀକୁ ମୃତ୍ୟୁମୁଖକୁ ଠେଲି ଦେବାକୁ ଯାଉଛୁ । କିମ୍ବା ଦ୍ୱିତୀୟ ସମ୍ଭାବନା ଅନୁସାରେ ଏକ ଶରୀର ତା'ର ପ୍ରତିରୋଧିନୀ ଶକ୍ତି ଦ୍ୱାରା କୌଣସି ରୋଗଜୀବାଣୁକୁ ବହିଷ୍କାର କଲାଭଳି 'ଗାଇଆ' ଏହି ମନୁଷ୍ୟ ନାମକ ଜୀବାଣୁକୁ ତା'ର ଶରୀରରୁ ବହିଷ୍କାର କରିଦେବ, ଠିକ୍ ଯେମିତି ଅତୀତରେ ଡାଇନୋସରରୁ ଡୋଡୋ ପର୍ଯ୍ୟନ୍ତଙ୍କୁ ବହିଷ୍କାର କରିଛି । ମନୁଷ୍ୟର କାର୍ଯ୍ୟ ଯୋଗୁଁ ପୃଥିବୀ ଆଉ ମନୁଷ୍ୟ ପାଇଁ ବାସୋପଯୋଗୀ ହେବ ନାହିଁ ଓ ମନୁଷ୍ୟ ଜାତି ଲୋପ ପାଇଯିବ; କିନ୍ତୁ ଅନ୍ୟ ଅନେକ ସ୍ପିସିଜ୍‌ମାନଙ୍କୁ ଧାରଣ କରି 'ଗାଇଆ' ଜୀବନ୍ତ ରହିବ । 'ପୁନଶ୍ଚ ପୃଥିବୀ' ଏକ ଆନ୍ଦୋଳନର ରୂପ ନେଇ ଏକ ନୂତନ ପରିବେଶ ସଚେତନତା ଲହରୀ ସୃଷ୍ଟି କରିଛି କହିଲେ ଭୁଲ୍ ହେବ ନାହିଁ । ଏହି ଅବସରରେ ଆଶା କରାଯାଇପାରେ ଯେ ଏହି ନୂତନ ଉତ୍ସାହ ଆମକୁ ଏକ ଜୀବନ୍ତ ପୃଥିବୀ ସହିତ ପୁନଶ୍ଚ ଏକ ଆବେଗିକ ସଂପର୍କ ପ୍ରତିଷ୍ଠା କରିବାରେ ସହାୟକ ହେବ । ନିର୍ଦ୍ଦିଷ୍ଟ ଭାବରେ କହିଲେ, ଏହି ପୃଥିବୀ ହେଉଛି ଏକ ବିଶାଳ ଜୀବନ୍ତ ଜନ୍ତୁ ଏବଂ ତା'ର ଅନ୍ୟ ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ଭଳି ମନୁଷ୍ୟ ମଧ୍ୟ ହେଉଛି ଏକ ଅଙ୍ଗ ମାତ୍ର, ଏହି ଅକାଟ୍ୟ ସତ୍ୟକୁ ହୃଦୟଙ୍ଗମ କରିବାରେ ଏହି ଆନ୍ଦୋଳନ ସହାୟକ ହେବ ବୋଲି ଆଶା କରାଯାଏ । 'ଗାଇଆ' ତତ୍ତ୍ୱ ନାମରେ ପ୍ରସିଦ୍ଧି ଲାଭ କରିଥିବା ଏହି ତତ୍ତ୍ୱର ପ୍ରବର୍ତ୍ତକ ରୂପେ ବ୍ରିଟିଶ୍ ବୈଜ୍ଞାନିକ ସ୍ୱର୍ଗୀୟ ଜେମ୍‌ସ ଲଭ୍‌ଲକ୍ ଅଧିକ ସୁପରିଚିତ ହୋଇଥିଲେ ହେଁ, ଏହାର ପ୍ରକୃତ ଜନନୀ ହେଉଛନ୍ତି ଲଭ୍‌ଲକ୍‌ଙ୍କର ଗୋପନ ପ୍ରେମିକା ତଥା 'ନାସା'ର ଜେଟ୍ ପ୍ରପଲ୍‌ସନ୍ ଲାବରେଟରିରେ ତାଙ୍କର ସହକର୍ମିଣୀ ଡାୟାନ୍ ହିଚ୍‌କକ୍, ଯିଏ ଲଭ୍‌ଲକ୍‌ଙ୍କ ମସ୍ତିଷ୍କରେ ଏହି ତତ୍ତ୍ୱର ବୀଜ ରୋପଣ କରିଥିଲେ । ୧୯୬୦ ଦଶକରେ ଉଭୟ ଆମେରିକାର ମହାକାଶ ଗବେଷଣା ସଂଗଠନ 'ନାସା'ରେ କାର୍ଯ୍ୟରତ ଥିବା ସମୟରେ ବିଚକ୍ଷଣା ଦାର୍ଶନିକା-ବୈଜ୍ଞାନିକା ହିଚ୍‌କକ୍ ଏକ ସମ୍ଭାବନା ଉତ୍‌ଥାପନ କରିଥିଲେ, ପୃଥିବୀର ବାୟୁମଣ୍ଡଳକୁ ପରୀକ୍ଷା କରି ମଙ୍ଗଳ ଗ୍ରହର ଜଣେ କାଳ୍ପନିକ ବୈଜ୍ଞାନିକ ଜାଣିପାରିବ ଯେ ପୃଥିବୀ ନାମକ ଗ୍ରହରେ ଜୀବନ ଭରି ହୋଇ ରହିଛି । ଅର୍ଥାତ୍ ପୃଥିବୀର ବାୟୁମଣ୍ଡଳ ପୃଥିବୀ ପୃଷ୍ଠରେ ଜୀବନର ଚିହ୍ନ ବହନ କରିଥାଏ । କିମ୍ବା 'ଗାଇଆ' (ଗ୍ରିକ୍ ପୌରାଣିକ କାହାଣୀ ଅନୁସାରେ ପୃଥିବୀ ଦେବୀଙ୍କ ନାମ) ତତ୍ତ୍ୱର ଭାଷାରେ ପୃଥିବୀ ହେଉଛି ଏକ ସ୍ୱୟଂ ନିୟନ୍ତ୍ରଣକାରୀ ବ୍ୟବସ୍ଥା ଯେଉଁଥିରେ ବାୟୁମଣ୍ଡଳ ହେଉଛି ଜୀବନର ଏକ ଉତ୍ପାଦନ । ଏହି ବୈପ୍ଳବିକ ଦୃଷ୍ଟିଭଙ୍ଗୀ ଅନୁସାରେ ପୃଥିବୀକୁ ଘେରି ରହିଥିବା ବାଷ୍ପସବୁ ନିର୍ଜୀବ ନୁହନ୍ତି, ସେଥିରେ ସଚଂରି ରହିଛି ଜୀବନୀଶକ୍ତି । ସେମାନେ କେବଳ ଜୀବନ ପାଇଁ ସହାୟକ ନୁହନ୍ତି, ସେମାନେ ବହନ କରିଥାନ୍ତି ଜୀବନର ସ୍ୱାକ୍ଷର, ପୃଥିବୀ ଗ୍ରହ ନାମକ ଜୀବର ନିଃଶ୍ୱାସ ଭଳି- ହିଚ୍‌କକ୍‌ଙ୍କ ଭାଷାରେ ''ଏକ ବିଶାଳ ଜନ୍ତୁର ନିଃଶ୍ୱାସ'' ଭଳି । ମଙ୍ଗଳ ଭଳି ଏକ ନିର୍ଜୀବ ଗ୍ରହର ସ୍ଥିର, ନିୟମିତ ବାୟୁମଣ୍ଡଳ ତୁଳନାରେ ଏହି କାରଣରୁ ପୃଥିବୀ ଭଳି ଏକ ଜୀବନ୍ତ ଗ୍ରହର ବାୟୁମଣ୍ଡଳ ହୋଇଥାଏ ବହୁ ଅଧିକ ଜଟିଳ ଓ ଅନିୟମିତ । ଏହି ଚିନ୍ତାଧାରା ଡାରୱିନ୍‌ଙ୍କର ଯୁଗାନ୍ତକାରୀ ବିବର୍ତ୍ତନବାଦକୁ ମଧ୍ୟ କିପରି ଅତିକ୍ରମ କରିଯାଇଥାଏ, ତାହା ସୁସ୍ପଷ୍ଟ । ପ୍ରାକୃତିକ ଚୟନଭିତିକ ବିବର୍ତନବାଦ ଅନୁସାରେ ପୃଥିବୀ ପୃଷ୍ଠରେ ଜୀବନ ଅନବରତ ଭାବରେ ପରିବେଶ ସହିତ ଖାପ ଖାଇବାକୁ ଚେଷ୍ଟା କରିଚାଲିଥାଏ; 'ଗାଇଆ' ତତ୍ତ୍ୱ ଅନୁସାରେ ଜୀବନ ପରିବେଶର ରୂପାୟନ କରିଥାଏ । ଅନ୍ୟ ଭାବରେ କହିଲେ, ପରିବେଶ କେବଳ ଜୀବନକୁ ପ୍ରଭାବିତ କରି ନ ଥାଏ, ଜୀବନ ମଧ୍ୟ ପରିବେଶକୁ ପ୍ରଭାବିତ କରିଥାଏ । ଏହି 'ଜୀବନ' ଅବଶ୍ୟ କେବଳ ମନୁଷ୍ୟ ଜୀବନ ନୁହେଁ । ମନୁଷ୍ୟ ହେଉଛି ଏହି ପୃଥିବୀ ନାମକ ଏକ ବିଶାଳ ଯନ୍ତ୍ରର ଏକ କ୍ଷୁଦ୍ରାତିକ୍ଷୁଦ୍ର ଯନ୍ତ୍ରାଂଶ ମାତ୍ର । ମନୁଷ୍ୟ ନିଜକୁ ଯେତେ ବିଶେଷ ବୋଲି ବିଚାର କରୁଥିଲେ ହେଁ, 'ଗାଇଆ' ଦେବୀଙ୍କ ଦୃଷ୍ଟିରେ ସେ ହେଉଛି କେବଳ ଏଇୟାହିଁ । 'ଗାଇଆ' ବା ଜୀବନ୍ତ ପୃଥିବୀ ନିଜର ସାମଗ୍ରିକ ବ୍ୟବସ୍ଥା ତିଷ୍ଠି ରହିବା ପାଇଁ ଏଥିରେ ଘଟୁଥିବା ସମସ୍ତ କ୍ରିୟା ପ୍ରତିକ୍ରିୟା ଉପରେ ଅବିରତ ନଜର ରଖିଥାଏ । ଏଠାରେ ଜୀବନ ତିଷ୍ଠି ରହିବା ପାଇଁ 'ଗାଇଆ ନିୟମ' ବାୟୁମଣ୍ଡଳର ତାପମାତ୍ରାରୁ ଆରମ୍ଭ କରି ସମୁଦ୍ର ଜଳର ଲବଣ ମାତ୍ରା, ଅମ୍ଳଜାନ, ଅଙ୍ଗାରକାମ୍ଳ ଆଦି ପର୍ଯ୍ୟନ୍ତର ଉପଯୁକ୍ତ ଅନୁପାତକୁ ନିୟନ୍ତ୍ରଣ କରିଥାଏ, ଯେଉ ସମସ୍ତର ସନ୍ତୁଳିତ ଅବସ୍ଥା ଉପରେ ଜୀବନ ନିର୍ଭର କରିଥାଏ । ନିଜକୁ ବିଚକ୍ଷଣ ବୁଦ୍ଧିର ଅଧିକାରୀ ରୂପେ ବିଶ୍ୱାସ କରୁଥିବା ମନୁଷ୍ୟ ପକ୍ଷରେ ପରିବେଶ ବ୍ୟବସ୍ଥା ବା ଜଳବାୟୁ ବ୍ୟବସ୍ଥାର ଚରମ ଜଟିଳତା ବୁଝିବା ଅସମ୍ଭବ ମନେ ହୋଇପାରୁଥାଏ, କିନ୍ତୁ ଅସାମାନ୍ୟ ପରିଚାଳନା ଦକ୍ଷତାର ଅଧିକାରୀ 'ଗାଇଆ' ପାଇଁ ଆବଶ୍ୟକ ପଦକ୍ଷେପମାନ ନେଇ ଏ ସମସ୍ତର ପରିଚାଳନା କରିବା ହେଉଛି ଏକ ନିୟମିତ ନିତିଦିନିଆ କାର୍ଯ୍ୟ । କଣ୍ଢେଇ ନଚାଳି ରଶିସବୁକୁ ଭିଡ଼ି ଭିଡ଼ି କଣ୍ଢେଇମାନଙ୍କର ଅଙ୍ଗଚାଳନାରେ ତାଳମେଳ ରକ୍ଷା କରିବା ଭଳି 'ଗାଇଆ' ତା'ର ହାତରେ ଧରିଥିବା ଅସଂଖ୍ୟ ରଶିମାନଙ୍କୁ ଭିଡ଼ି ଭିଡ଼ି ସମଗ୍ର ବ୍ୟବସ୍ଥାରେ ତାଳମେଳ ରକ୍ଷା କରିଥାଏ । ହିଚ୍‌କକ୍ ଓ ଲଭ୍‌ଲକ୍ ତାଙ୍କର 'ଗାଇଆ' ତତ୍ତ୍ୱରେ ପୃଥିବୀ ନାମକ ଜୀବନ୍ତ ଗ୍ରହର ଏହି ତାଳମେଳ ରକ୍ଷାକାରୀ ଆଚରଣ ଉପରେ ଏକ ନୂତନ ଦୃଷ୍ଟି ଆକର୍ଷଣକାରୀ ଆଲୋକପାତ କରିଥିଲେ ହେଁ ବିବର୍ତ୍ତନବାଦ ତତ୍ତ୍ୱରେ ମଧ୍ୟ ଏହି ପ୍ରକ୍ରିୟା ଅପରିଚିତ ନୁହେଁ । ସହ-ବିବର୍ତ୍ତନ ବା 'କୋ-ଇଭଲ୍ୟୁସନ୍' ନାମରେ ପରିଚିତ ଏହି ପ୍ରକ୍ରିୟା ଅନୁସାରେ ପରସ୍ପର ସହିତ ତାଳମେଳ ରକ୍ଷା କରିବା ଉଦ୍ଦେଶ୍ୟରେ ପରିବେଶ ସଂରଚନା ବା 'ଇକୋସିଷ୍ଟମ୍'ମାନଙ୍କର ବିବର୍ତ୍ତନ ଘଟିଥାଏ । ଉଦାହରଣ ସ୍ୱରୂପ ଠେକୁଆ ଓ ଇଗଲ୍‌ଙ୍କ ବିବର୍ତ୍ତନ ଉପରେ ଦୃଷ୍ଟି ନିକ୍ଷେପ କରାଯାଉ । ଉଭୟଙ୍କ ମଧ୍ୟରେ ସଂପର୍କ ହେଉଛି ଖାଦ୍ୟ-ଖାଦକର ସଂପର୍କ । ଶିକାର କରି ବଚିଂ ରହି ପର ପିଢ଼ିକୁ ନିଜର ଜିନ୍‌ସଙ୍କୁ ସଫଳ ଭାବରେ ପ୍ରେରିତ କରିବା ଉଦ୍ଦେଶ୍ୟରେ ପ୍ରାକୃତିକ ଚୟନ ମାଧ୍ୟମରେ ବିବର୍ତ୍ତନ ଇଗଲ୍‌କୁ ତୀକ୍ଷ୍ଣ ନଖ ଓ ଥଚଂରେ ସଜ୍ଜିତ କରିଦେଲା । ଆକାଶରେ ଏହି ମୃତ୍ୟୁଦୂତର ଆବିର୍ଭାବ ଯୋଗୁଁ ଠେକୁଆ ଗାତରୁ ବାହାରିବା ତା' ପାଇଁ ଯମପୁର ଗମନରେ ପରିଣତ ହେଲା । କିନ୍ତୁ ଗାତରୁ ନ ବାହାରିଲେ ମଧ୍ୟ ତା' ପାଇଁ ଭୋକଉପାସରେ ମୃତ୍ୟୁମୁଖରେ ପଡ଼ିବା ସାର ହେବ । ତା'ହେଲେ ଠେକୁଆମାନଙ୍କର କ'ଣ ବଂଶ ବୁଡ଼ିଯିବ ? ଆମେ ଦେଖୁଛୁ ଠେକୁଆମାନଙ୍କର ବଂଶ ବୁଡ଼ିଯାଇନାହିଁ; ପୃଥିବୀରେ ଇଗଲ୍ ବି ଅଛନ୍ତି, ଠେକୁଆ ବି ଅଛନ୍ତି । ଏହା ସମ୍ଭବ ହୋଇଛି, କାରଣ ଇଗଲ୍ ଠାରେ ନଖ, ଥଚଂର ଆବିର୍ଭାବ ସହିତ ତାଳ ଦେଇ ଠେକୁଆ ଠାରେ ଦ୍ରୁତ ପ୍ରଜନନ ଶକ୍ତିର ଆବିର୍ଭାବ ଘଟିଛି, ଯାହା ଫଳରେ ଯଥେଷ୍ଟ ସଂଖ୍ୟାରେ ଠେକୁଆ ଇଗଲ୍ ଥଚଂରୁ ବର୍ତ୍ତି ଯାଉଛନ୍ତି ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. **ସଂପାଦକ: ପ୍ରକାଶ କୁମାର ଧଳ**

**Mobile :** 9439951525,**Email: utkalsamachar@gmail.com / utkalsamachar@rediffmail.com** (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) **Phone:** 0661-2646999 **Editor : Prakash Kumar Dhal**

**CITY OFFICE: B/204, SECTOR-16, ROURKELA, Pin :769003**







# ଚର୍ଚ୍ଚ ଦାନ ବାକ୍ସ ଚୋରି ଘଟଣାର ପର୍ଦ୍ଦାଫାଶ : ୨ ଅଭିଯୁକ୍ତ ଗିରଫ, କଟର ଓ ନଗଦ ଟଙ୍କା ଜବତ



ଝାରସୁଗୁଡ଼ା,୨୩/୭(ନି/ପ୍ର): ଝାରସୁଗୁଡ଼ା ସଦର ଥାନା ଅଂଚଳର କକ୍ସ କଲୋନୀସ୍ଥିତ ସେଂଟ ଆର୍ନୋଲ୍ଡସ୍ କ୍ୟାଥୋଲିକ୍ ଚର୍ଚ୍ଚରେ ଘଟିଥିବା ଚୋରି ଘଟଣାର ପର୍ଦ୍ଦାଫାଶ କରିବାରେ ଝାରସୁଗୁଡ଼ା ପୁଲିସ ସଫଳ ହୋଇଛି। ଘଟଣାରେ ସମ୍ପୃକ୍ତ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ, ଚୋରିରେ ବ୍ୟବହୃତ ସାମଗ୍ରୀ ଓ ଚୋରି ଟଙ୍କାର କିଛି ଅଂଶ ଜବତ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ଗତ ଜୁଲାଇ ୧୪ ଓ ୧୫ ତାରିଖ ମଧ୍ୟରାତ୍ରିରେ ଦୁର୍ବୃତମାନେ ଚର୍ଚ୍ଚର ତାଲା ଭାଙ୍ଗି ଭିତରକୁ ପ୍ରବେଶ କରି ଦାନ ବାକ୍ସରୁ ପ୍ରାୟ ୧୨ ହଜାର ଟଙ୍କା ଚୋରି କରିଥିଲେ। ଅଭିଯୋଗ ପାଇବା ପରେ ପୁଲିସ ସିସିଟିଭି ଫୁଟେଜ୍, ବୈଜ୍ଞାନିକ ପ୍ରମାଣ ଓ ଅନ୍ୟାନ୍ୟ ସୂତ୍ରକୁ ଆଧାର କରି ତଦନ୍ତ ଆରମ୍ଭ କରି ଅଭିଯୁକ୍ତଙ୍କ ପର୍ଯ୍ୟନ୍ତ ପହଂଚିଥିଲା। ତଦନ୍ତ ବେଳେ ଅଭିଯୁକ୍ତ ଦୀପକ କୁମାରଙ୍କ ନିକଟରୁ ଚୋରିରେ ବ୍ୟବହୃତ ଏକ ନୀଳ ରଙ୍ଗର ଲୁହା କଟର ଜବତ ହୋଇଥିବାବେଳେ, ଅନ୍ୟ ଅଭିଯୁକ୍ତ ଅମନ ସିଂହଙ୍କ ନିକଟରୁ ଚୋରି ଟଙ୍କା ମଧ୍ୟରୁ ୩ ହଜାର ଟଙ୍କା ଉଦ୍ଧାର କରାଯାଇଛି। ଉଭୟଙ୍କୁ ଗିରଫ କରି ଆଇନ ଅନୁଯାୟୀ ଅଦାଲତରେ ହାଜର କରାଯାଇଛି। ପୁଲିସ କହିଛି ଯେ, ଅବଶିଷ୍ଟ ଚୋରି ସମ୍ପତି ଉଦ୍ଧାର ସହ ମାମଲାର ଅନ୍ୟାନ୍ୟ ଦିଗକୁ ନେଇ ତଦନ୍ତ ଜାରି ରହିଛି। ଜିଲ୍ଲାରେ ଧର୍ମୀୟ ଉପାସନା ସ୍ଥଳର ସୁରକ୍ଷା, ଶାନ୍ତି ଓ ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ପୁଲିସ ସଦା ସଜାଗ ରହିଥିବା ମଧ୍ୟ ପୁଲିସ ପକ୍ଷରୁ କୁହାଯାଇଛି।

## ଚୋରି ମାମଲାରେ ୨ ଦୋଷୀଙ୍କୁ ୬ ବର୍ଷ ସଶ୍ରମ କାରାଦଣ୍ଡ

### ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଜରିମାନା; ଚୋରି ସାମଗ୍ରୀ ଉଦ୍ଧାର କରି ପ୍ରକୃତ ମାଲିକଙ୍କୁ ଫେରାଇଲା ପୋଲିସ

ଝାରସୁଗୁଡ଼ା,୨୩/୭(ନି/ପ୍ର): ଚୋରି ମାମଲାରେ ଦୁଇ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଝାରସୁଗୁଡ଼ା ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ (ସିଜେଏମ୍) ସ୍ମୃତି ରଞ୍ଜନ ମହାପାତ୍ର ୬ ବର୍ଷର ସଶ୍ରମ କାରାଦଣ୍ଡ ସହ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ କାରାଦଣ୍ଡ ଭୋଗିବାକୁ ପଡ଼ିବ। ଦଣ୍ଡିତ ଅଭିଯୁକ୍ତମାନେ ହେଲେ ସୁରେନ୍ଦ୍ର ସେଠ୍ ଓ ଅନନ୍ତ ଧୁରୁଆ। ୨୦୨୩ ମସିହା ଜାନୁଆରୀ ୯ ଓ ୧୦ ତାରିଖ ମଧ୍ୟରାତ୍ରିରେ ବ୍ରଜରାଜନଗର ଥାନା ଅନ୍ତର୍ଗତ ରେମ୍ପ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରର ତାଲା ଭାଙ୍ଗି ନଗଦ ଟଙ୍କା, ସୁନା ଗହଣା, ବ୍ୟାଙ୍କ ପାସ୍ବୁକ୍, ଏଟିଏମ୍ କାର୍ଡ, ଆଧାର କାର୍ଡ ସମେତ ଅନ୍ୟାନ୍ୟ ଜରୁରୀ କାଗଜପତ୍ର ଚୋରି କରାଯାଇଥିଲା। ଏନେଇ ବ୍ରଜରାଜନଗର ଥାନାରେ କେସ୍ ନଂ-୧୧/୨୦୨୩ ରୁଜୁ ହୋଇଥିଲା। ତଦନ୍ତ ସମୟରେ ପୋଲିସ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କ ବୟାନ ଆଧାରରେ ଚୋରି ହୋଇଥିବା ନଗଦ ଟଙ୍କା ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଥିଲା। ପରେ ଜବତ ସାମଗ୍ରୀ ଜିମାନାମା ମାଧ୍ୟମରେ ପ୍ରକୃତ ମାଲିକଙ୍କୁ ଫେରାଇ ଦିଆଯାଇଥିଲା। ଅଦାଲତରେ ଉପସ୍ଥାପିତ ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି ସିଜେଏମ୍ କୋର୍ଟ ଉଭୟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାଟିକୁ ସରକାରୀ ଓକିଲ ଅନୁପ କୁମାର ମିଶ୍ର ଓ ପଦ୍ମନାଭ ମାଳୀ ପରିଚାଳନା କରୁଥିଲେ। ଝାରସୁଗୁଡ଼ା ପୋଲିସ ପକ୍ଷରୁ କୁହାଯାଇଛି ଯେ, ନିଷ୍ପକ୍ଷପର ତଦନ୍ତ, ସରକାରୀ ଓକିଲଙ୍କ ସଠିକ୍ ଆଇନଗତ ଉପସ୍ଥାପନା ଏବଂ ସାକ୍ଷୀମାନଙ୍କ ସହଯୋଗ ଯୋଗୁଁ ମାମଲାର ସଫଳ ବିଚାର ସମ୍ଭବ ହୋଇଥିଲା।

## ସଡ଼କ ଦୁର୍ଘଟଣାରେ ଯୁବକଙ୍କ ଶୋଚନୀୟ ମୃତ୍ୟୁ

ନୂଆପଡ଼ା,୨୩/୭(ନି/ପ୍ର): ନୂଆପଡ଼ା ଜିଲ୍ଲା ବୋଡ଼େନ ଥାନା ଅନ୍ତର୍ଗତ ସୁନାପୁର ଶିବ ମନ୍ଦିର ନିକଟରେ ବିଜୁ ଏକ୍ସପ୍ରେସ ୱେରେ ଆଜି ସକାଳ ଦଶ ଘଟିକା ସମୟରେ ଏକ ଦୁଃଖଦ ସଡ଼କ ଦୁର୍ଘଟଣାରେ ଅଜଣା ଗାଡ଼ିର ଧକ୍କାରେ ଜଣେ ଯୁବକଙ୍କ ଶୋଚନୀୟ ମୃତ୍ୟୁ ହୋଇଯାଇଛି।

## ପ୍ରେମ ସମ୍ପର୍କରୁ ଯୁବତୀଙ୍କୁ ହତ୍ୟା ଅଭିଯୋଗ, ହତ୍ୟାକାରୀ ପ୍ରେମିକ ଅଟକ

# ଜଙ୍ଗଲରୁ ମୃତଦେହ ଉଦ୍ଧାର ପରେ ବ୍ୟବଚ୍ଛେଦ

ସମ୍ବଲପୁର,୨୩/୭(ନି/ପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଥାନାରେ ୧୫୧/ ୨୬ରେ ଏକ ଅପହରଣ ଓ ହତ୍ୟା ମାମଲା ରୁଜୁ ହୋଇଛି। ମାମଲାର ସୂଚନାନୁଯାୟୀ ମହୁଲପାଲି ଥାନା ଅନ୍ତର୍ଗତ କୁସୁମୀ ମହୁଲଗୁଡ଼ା ଗ୍ରାମର ୪୭ ବର୍ଷୀୟ ମନୋଜ ସା ତାଙ୍କର ୨୪ ବର୍ଷୀୟା ଝିଅ ସରିତା ସା'ଙ୍କୁ ଅପହରଣ କରି ହତ୍ୟା କରାଯାଇଥିବା ନେଇ କୁଚିଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। କୁଚିଣ୍ଡା ଥାନା ଅନ୍ତର୍ଗତ ତେଲିକୁନ୍ଦାପୋଷି ଗ୍ରାମର ଅନିଲ ପ୍ରୁସେଠ ତାଙ୍କ ଝିଅଙ୍କୁ ହତ୍ୟା ଉଦ୍ଦେଶ୍ୟରେ ଅପହରଣ କରିଥିବା ସହ ମୃତଦେହକୁ ଲୁଚାଇ ରଖିଥିବା ଏବଂ ଏଥିରେ ଅନ୍ୟ କିଛି ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ସନ୍ଦେହ ଦର୍ଶାଇଥିଲେ। ତଦନ୍ତ ସମୟରେ ମୃତା ଯୁବତୀଙ୍କ ପ୍ରେମିକ ଭାବେ ଜଣାଶୁଣା ମୁଖ୍ୟ ଅଭିଯୁକ୍ତ ଅନିଲ ପ୍ରୁସେଠକୁ ପୋଲିସ ଅଟକ ରଖି ପଚରା ଉଚରା କରିଥିଲା। କିଛି ସାକ୍ଷୀଙ୍କ ଉପସ୍ଥିତିରେ ଅନୀଲ ବୟାନ ଆଧାରରେ ଜମନକିରା ଥାନା ଅନ୍ତର୍ଗତ ବଦ୍ରାମା ଜଙ୍ଗଲରୁ ସରିତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ମୃତଦେହକୁ ପରିବାର ଲୋକେ ଚିହ୍ନଟ କରିଥିଲେ। ଅଭିଯୁକ୍ତଙ୍କ ସୂଚନା ଆଧାରରେ ହତ୍ୟାକାଣ୍ଡରେ ବ୍ୟବହୃତ ଏକ ଚୁନରୀକୁ ମଧ୍ୟ ପୋଲିସ ଜବତ କରିଛି। ପୋଲିସ କୁଚିଣ୍ଡା ଉପଖଣ୍ଡ ଚିକିତ୍ସାଳୟକୁ ମୃତଦେହ ପଠାଇଥିବା ବେଳେ ରବିବାର ଦିନ ବ୍ୟବଚ୍ଛେଦ କରାଯାଇଛି। ଘଟଣାରେ ବ୍ୟବହୃତ ବୋଲେରୋ ଗାଡ଼ି ଚଳାଉଥିବା ସୁନ୍ଦରଗଡ଼ ଜିଲ୍ଲା ଧରୁଆଡିହି ଥାନା ଅନ୍ତର୍ଗତ ଟିଲେଇମାଲତି ଗ୍ରାମର ଅଶୋକ କିସାନଙ୍କୁ ମଧ୍ୟ ପଚରାଉଚରା ପାଇଁ ପୋଲିସ ଅଟକ ରଖିଛି। ଜିଲ୍ଲା ଫରେନସିକ୍ ବିଜ୍ଞାନ ପରୀକ୍ଷାଗାର (ଡିଏଫ୍ଏସ୍ଏଲ୍), ସମ୍ବଲପୁରର ଏକ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି ବିଭିନ୍ନ ବୈଜ୍ଞାନିକ ଓ ଭୌତିକ ପ୍ରମାଣ ସଂଗ୍ରହ କରିଥିବା ଜଣାପଡିଛି।

## କୋଷାଗୁମୁଡାଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର




ନବରଙ୍ଗପୁର,୨୩/୭(ନି/ପ୍ର): କୋଷାଗୁମୁଡା ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଡ଼. ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧୀକ୍ଷକ କାଶ୍ୟପ ପାର୍ଥ ଜଗଦୀଶଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ଼. ପ୍ରମୋଦ କୁମାର ପୃଷ୍ଟି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ବିରଚିଂ ନାରାୟଣ ଦରୱାନ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଆଜିର ଶିବିରରେ ମୋଟ ୫୨ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୩୪ଟି ବ୍ୟକ୍ତିଗତ ଅଭିଯୋଗ ଓ ୧୮ଟି ଗ୍ରାମ୍ୟ/ସାମୂହିକ ଅଭିଯୋଗ ଥିଲା। ପ୍ରାପ୍ତ ଅଭିଯୋଗମାନଙ୍କ ମଧ୍ୟରୁ ୨ଟି ଅଭିଯୋଗର ସମାଧାନ ଘଟଣାସ୍ଥଳରେ କରାଯାଇଥିବାବେଳେ ଅବଶିଷ୍ଟ ୫୦ଟି ଅଭିଯୋଗକୁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଓ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗଗୁଡ଼ିକୁ ପ୍ରେରଣ କରାଯାଇଥିବା ବେଳେ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ଏ ସମ୍ପର୍କରେ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରିଥିଲେ।

## ଭୋଟର ତାଲିକାର ସଂଶୋଧନ ନେଇ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଆରଡ଼ିସିଙ୍କ ସମୀକ୍ଷା



ଝାରସୁଗୁଡ଼ା,୨୩/୭(ନି/ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସ୍ଥିତ ଡି.ଏମ୍.ଏଫ୍. ସମ୍ମିଳନୀ କକ୍ଷରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉତରାଂଚଳ ରାଜସ୍ୱ ଆୟୁକ୍ତ ତଥା ଭୋଟର ତାଲିକା ନିରୀକ୍ଷକ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଆୟୋଜିତ ହୋଇଥିଲା। ଏହି ବୈଠକରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଉପସ୍ଥିତ ରହି ସମସ୍ତ ନିର୍ବାଚନୀ ପ୍ରକ୍ରିୟା ଓ ବ୍ୟବସ୍ଥାର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏଥିସହ ଏହି ସମୀକ୍ଷା ବୈଠକରେ ଜିଲ୍ଲାର ପ୍ରମୁଖ ରାଜନୈତିକ ଦଳ ଯଥା, ଭାରତୀୟ ଜନତା ପାର୍ଟିର ସାଂସଦ ଓ ବିଧାୟକଙ୍କ ପ୍ରତିନିଧି ଏବଂ ଜିଲ୍ଲା ସଭାପତି, ଭାରତୀୟ ଜାତୀୟ କଂଗ୍ରେସ, ବିଜୁ ଜନତା ଦଳ, ବହୁଜନ ସମାଜ ପାର୍ଟି, କମ୍ୟୁନିଷ୍ଟ ପାର୍ଟିର ପ୍ରତିନିଧିମାନେ ଉପସ୍ଥିତ ରହି ଭୋଟର ତାଲିକା ସମ୍ବନ୍ଧୀୟ ଆଲୋଚନାରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ସାଂସଦଙ୍କ ପ୍ରତିନିଧି ଶ୍ଳୋକ ସରନା, ବିଜେପି ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡା, ବିଧାୟକଙ୍କ ପ୍ରତିନିଧି ସନ୍ତୋଷ କୁମାର ଯାଦବ, ବିଜେପି ନେତା ଲକ୍ଷ୍ମୀକାନ୍ତ ପାତ୍ର, ବିଜେପି ନେତା ପ୍ରେମସେନ ରାୟ, ସି.ପି.ଆଇ. ରୁ ବାସୁଦେବ ଶର୍ମା, ବି.ଏସ.ପି. ରୁ ଲକ୍ଷ୍ମଣ ବର୍ମା, ସି.ପି.ଆଇ. (ଏମ୍) ରୁ ଗୌରୀଶଙ୍କର ପାତ୍ର, ଜିଲ୍ଲା କଂଗ୍ରେସ କମିଟିରୁ ମନୀଷ ବାଜପେୟୀ ଏବଂ ବିଜୁ ଜନତା ଦଳର ଜିଲ୍ଲା ସାଧାରଣ ସମ୍ପାଦକ ପବନ ସିଂହ ଯାଦବ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତାମତ ଓ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏହି ବୈଠକରେ ଉତରାଂଚଳ ରାଜସ୍ୱ ଆୟୁକ୍ତ ତଥା ଭୋଟର ତାଲିକା ନିରୀକ୍ଷକ ସଂଗ୍ରାମ କେଶରୀ ମହାପାତ୍ର ପ୍ରକାଶ କରିଥିଲେ ଯେ, 'ଗଣତନ୍ତ୍ରର ମୂଳଦୁଆକୁ ଅଧିକ ମଜବୁତ କରିବା ପାଇଁ ଏକ ସ୍ୱଚ୍ଛ ଓ ତ୍ରୁଟିମୁକ୍ତ ଭୋଟର ତାଲିକା ଅତ୍ୟନ୍ତ ଆବଶ୍ୟକ। ଜିଲ୍ଲାର କୌଣସି ବି ଯୋଗ୍ୟ ଭୋଟର ଯେପରି ନିଜର ମତାଧିକାରରୁ ବଂଚିତ ନହୁଅନ୍ତି, ତାହା ସୁନିଶ୍ଚିତ କରିବା ପ୍ରଶାସନର ମୁଖ୍ୟ ଲକ୍ଷ୍ୟ।' ଏହି ବୈଠକରେ ଝାରସୁଗୁଡ଼ା ଓ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ଦାବି ଓ ଆପତି ରିପୋର୍ଟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୁଥ୍ ସ୍ତରୀୟ ସହାୟତା, ବୁଥ୍ ଚିହ୍ନଟ ପ୍ରକ୍ରିୟା ଏବଂ ନୂତନ ଭୋଟର ପଞ୍ଜୀକରଣ କାର୍ଯ୍ୟକୁ ଅଧିକ ସୁଗମ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ବାବଦରେ ସମୀକ୍ଷା ହୋଇଥିଲା। ଏତଦ୍ ବ୍ୟତୀତ, ଭୋଟର ତାଲିକାରେ ବାସସ୍ଥାନ ପରିବର୍ତନ, ବିବାହ କାରଣରୁ ନାମ ସ୍ଥାନାନ୍ତର କିମ୍ବା ବାଦ୍ ପଡ଼ିବା ଏବଂ ନାମ ସଂଶୋଧନ ସମ୍ପର୍କିତ ବିଭିନ୍ନ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ବିଡିଓ ଏବଂ ସମ୍ପୃକ୍ତ ନିର୍ବାଚନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ବାଚନ ପ୍ରକ୍ରିୟାରେ କୌଣସି ପ୍ରକାରର ପକ୍ଷପାତିତା ନରଖି ସମ୍ପୂର୍ଣ୍ଣ ନିରପେକ୍ଷତା, ସ୍ୱଚ୍ଛତା ଓ ଗ୍ରହଣୀୟତା ଅବଲମ୍ବନ କରିବାକୁ ପ୍ରଶାସନିକ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ଏହି ବୈଠକରେ ଲଳିତ କୁମାର ସୋରେନ୍, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ତଥା ଇ.ଆର.ଓ. (୦୬-ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ), ସବ୍ୟସାଚୀ ପଣ୍ଡା, ଉପ-ଜିଲ୍ଲାପାଳ, ଝାରସୁଗୁଡ଼ା ତଥା ଇ.ଆର୍.ଓ. (୦୭-ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀ), ଲୋପାମୁଦ୍ରା କାଲୋ, ଡେପୁଟି କଲେକ୍ଟର (ନିର୍ବାଚନ), ରୀତାକାନ୍ତି ବଳିଆରସିଂହ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, କୃଷ୍ଣାକେଶୀ ବଳିଆରସିଂହ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ନୋଡାଲ ଅଫିସର ନିର୍ବାଚନ (ମିଡିଆ), ଝାରସୁଗୁଡ଼ା ପ୍ରମୁଖ ଉପସ୍ଥିତ ରହିଥିଲେ।

## ସୋନମ ୱାଙ୍ଗଚୁକଙ୍କ ସମର୍ଥନରେ ମହମବତୀ ପ୍ରଜ୍ୱଳନ ରାଲି

ଭଦ୍ରକ,୨୩/୭(ନି/ପ୍ର):ଶିକ୍ଷା କେବଳ ପାଠପଢ଼ାର ମାଧ୍ୟମ ନୁହେଁ, ବରଂ ଏକ ରାଷ୍ଟ୍ରର ଭବିଷ୍ୟତ ନିର୍ମାଣର ଭିତି। ସେହି ଭିତି ଯେତେବେଳେ ପ୍ରଶ୍ନବିଦ୍ଧ ହୁଏ, ସେତେବେଳେ ପ୍ରତିବାଦ ମଧ୍ୟ ଏକ ସାମାଜିକ ଦାୟିତ୍ୱରେ ପରିଣତ ହୁଏ। ଏହି ପରିପ୍ରେକ୍ଷୀରେ ଅଖିଳ ଭାରତ ଛାତ୍ରସଂଘ ଭଦ୍ରକ ଜିଲ୍ଲା ପରିଷଦ ପକ୍ଷରୁ ଚାନ୍ଦବାଲି ମଧୁବାବୁ ଛକଠାରେ ବିଶିଷ୍ଟ ବୈଜ୍ଞାନିକ ଓ ଶିକ୍ଷାବିତ ସୋନମ ୱାଙ୍ଗଚୁକଙ୍କ ସମର୍ଥନରେ ଏକ ମହମବତୀ ପ୍ରଜ୍ୱଳନ ରାଲି ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପକ୍ଷରୁ କୁହାଯାଇଛି ଯେ, ନିଟ୍-ୟୁଜି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣା, ପରୀକ୍ଷା ପରିଚାଳନାରେ ଅନିୟମିତତା ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ଦେଶବ୍ୟାପୀ ଉଦ୍ବେଗ ସୃଷ୍ଟି ହୋଇଛି। ଏହି ପ୍ରସଙ୍ଗରେ ସୋନମ ୱାଙ୍ଗଚୁକ ଦିଲ୍ଲୀର ଯନ୍ତ୍ରମନ୍ତର ଠାରେ ଅନଶନରେ ବସି ନୂତନ ଜାତୀୟ ଶିକ୍ଷାନୀତି ପ୍ରତ୍ୟାହାର, ଜାତୀୟ ପରୀକ୍ଷା ସଂସ୍ଥା କୁ ବନ୍ଦ କରି ପରୀକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା ଓ ଜବାବଦେହିତା ଆଣିବା ଏବଂ ଶିକ୍ଷାମନ୍ତ୍ରୀଙ୍କ ନୈତିକ ଦାୟିତ୍ୱ ନିର୍ଦ୍ଧାରଣ ଭଳି ଦାବି ଉଠାଇଥିଲେ। ସଂଗଠନ ଆହୁରି ଅଭିଯୋଗ କରିଛି ଯେ, ଅନଶନ ଚାଲିଥିବା ସମୟରେ ଦିଲ୍ଲୀ ପୋଲିସ ସୋନମ ୱାଙ୍ଗଚୁକଙ୍କୁ ବଳପୂର୍ବକ ଉଠାଇ ନେଇଥିବା ସହ ପ୍ରତିବାଦ କରୁଥିବା ନିରସ୍ତ୍ର ଛାତ୍ରଛାତ୍ରୀଙ୍କ ଉପରେ ଲାଠିଚାର୍ଜ କରିଥିଲା। ଏହାର ପ୍ରତିବାଦରେ ଜିଲ୍ଲା ସଭାପତି ମନୋରଞ୍ଜନ ରାଉତଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ଛାତ୍ରନେତାମାନେ ଏହାକୁ ଗଣତାନ୍ତ୍ରିକ ଅଧିକାର ଉପରେ ଆଘାତ ବୋଲି ବର୍ଣ୍ଣନା କରିଥିଲେ। ପରେ ମହମବତୀ ପ୍ରଜ୍ୱଳନ ରାଲିରେ ଛାତ୍ରଛାତ୍ରୀ ଓ ଯୁବକ ସାମିଲ ହୋଇ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର, ସ୍ୱଚ୍ଛତା ଏବଂ ଛାତ୍ରଛାତ୍ରୀଙ୍କ ଅଧିକାର ସୁରକ୍ଷା ସପକ୍ଷରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶୁଭେନ୍ଦୁ ପ୍ରତାପ ବିଶ୍ୱାଳ, ଅଭିଷେକ ପଣ୍ଡା, ଦୀପକ ନାଥ, ଅଜୟ ବେହେରା, ଅଭିଷେକ ମହାନ୍ତି, ଲିପୁନ ବାରିକ, ଶମ୍ଭୁନାଥ ସେଠୀ, ଅମୀୟ ପରିଡ଼ା, ଅଭିଷେକ ବେହେରା, କଳ୍ପତରୁ ଦାସଙ୍କ ସମେତ ବହୁ ଛାତ୍ରନେତା ଉପସ୍ଥିତ ଥିଲେ। ପ୍ରତିବାଦକାରୀମାନେ କହିଥିଲେ ଯେ, ଶିକ୍ଷାକୁ ବିବାଦ ଓ ଅବ୍ୟବସ୍ଥାରୁ ମୁକ୍ତ କରି ସ୍ୱଚ୍ଛ, ନିରପେକ୍ଷ ଓ ଛାତ୍ରକୈନ୍ଦ୍ରିକ ବ୍ୟବସ୍ଥା ଗଢ଼ି ତୋଳିବା ସମୟର ଆବଶ୍ୟକତା। ଏହି ଦାବିଗୁଡ଼ିକ ଉପରେ ସରକାର ଶୀଘ୍ର ପଦକ୍ଷେପ ନେବାକୁ ସେମାନେ ଆହ୍ୱାନ ଜଣାଇଥିଲେ।

## ଧସୁଛି ଗେଙ୍ଗୁଟି ନଦୀବନ୍ଧ, ରକ୍ଷଣାବେକ୍ଷଣ ଅଭାବରୁ ସୃଷ୍ଟି ହେଲାଣି ବିରାଟ ଘାଇ

# ବାଲିବସ୍ତା ଭରସାରେ ଜଳସମ୍ପଦ ବିଭାଗ

ଭଦ୍ରକ,୨୩/୭(ନି/ପ୍ର): ସରକାର ନଦୀବନ୍ଧ ଗୁଡ଼ିକର ସୁଦୃଢ଼ୀକରଣ ଓ ବନ୍ୟା ନିୟନ୍ତ୍ରଣ ପାଇଁ ପ୍ରତିବର୍ଷ କୋଟି କୋଟି ଟଙ୍କା ମଞ୍ଜୁର କରୁଛନ୍ତି। ହେଲେ ବିଭାଗୀୟ ଅଧିକାରି ଓ ଠିକାଦାରଙ୍କ ନିମ୍ନମାନର କାର୍ଯ୍ୟ ଏବଂ ନିୟମିତ ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ନିର୍ମାଣର କିଛି ଦିନ ପରେ ନଦୀବନ୍ଧ ଗୁଡ଼ିକ ବିପଜ୍ଜନକ ଭାବେ ଧସିବାରେ ଲାଗିଛି। ଧାମନଗର ବ୍ଲକ୍ ଗେଙ୍ଗୁଟି ନଦୀବନ୍ଧ ଜ୍ୱଳନ୍ତ ଉଦାହରଣ ପାଲଟିଛି। ମୁସ୍ତଫାପୁର ପଂଚାୟତର ଗୋବିନ୍ଦାଗଡ଼ିଆରୁ ରାମେଶ୍ୱରପୁର ପର୍ଯ୍ୟନ୍ତ ନଦୀବନ୍ଧର ମରାମତି ଓ ପ୍ରଶସ୍ତିକରଣ ପାଇଁ ପ୍ରାୟ ୫ ବର୍ଷ ତଳେ ୯ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଥିଲା। ସରକାରୀ ଆକଳନ ଅନୁଯାୟୀ ଏହି ନଦୀବନ୍ଧ ସୁଦୃଢ଼ ହେବା ଫଳରେ ସ୍ଥାନୀୟ ଅଂଚଳବାସୀ ବନ୍ୟା ଦାଉରୁ ରକ୍ଷା ପାଇବେ ବୋଲି ଆଶା ରଖିଥିଲେ। ମାତ୍ର ପ୍ରକଳ୍ପ ଶେଷ ହେବା ପରେ ବିଭାଗ ପକ୍ଷରୁ ପ୍ରତିବର୍ଷ ଯେଉଁ ନିୟମିତ ରକ୍ଷଣାବେକ୍ଷଣ କରାଯିବା କଥା, ତାହା ସମ୍ପୂର୍ଣ୍ଣ ଆଖିବୁଜି ଦିଆଗଲା। ଫଳରେ ସରକାରୀ ପାଣ୍ଠିର ଅପବ୍ୟୟ ହେବା ସହ ଏବେ ବନ୍ଧର ଅବସ୍ଥା ଅତ୍ୟନ୍ତ ସଙ୍କଟଜନକ ହୋଇପଡ଼ିଛି। ଗୋବିନ୍ଦାଗଡ଼ିଆ, ବେଲମଳା, ରଘୁନାଥପୁର, ଦୋବଲ, ସୋଧ ଏବଂ କୋଲେଇପଦା ଦେଇ ରାମେଶ୍ୱରପୁର ଯାଏଁ ଲମ୍ବିଥିବା ପ୍ରାୟ ୪ କିଲୋମିଟର ଦୀର୍ଘ ଏହି ନଦୀବନ୍ଧରେ ସ୍ଥାନେ ସ୍ଥାନେ ବିରାଟ ବିରାଟ ଗର୍ତ୍ତ ଓ ଘାଇ ସୃଷ୍ଟି ହୋଇଛି। ବର୍ଷା ଜଳ ନିଷ୍କାସନର ସଠିକ୍ ବ୍ୟବସ୍ଥା ନଥିବାରୁ ବର୍ଷା ପାଣି ଗଡ଼ି ଗଡ଼ି ବନ୍ଧର ମାଟି ଧୋଇଯାଇଛି। କେତେକ ସ୍ଥାନରେ ଏହି ଘାଇ ନଦୀବନ୍ଧର ମଝି ଭାଗ ପର୍ଯ୍ୟନ୍ତ ବ୍ୟାପିଗଲାଣି, ଯାହା ଗମନାଗମନ ପାଇଁ ମଧ୍ୟ ବିପଦ ସୃଷ୍ଟି କରୁଛି। ସମଗ୍ର ୪ କିଲୋମିଟର ରାସ୍ତାରେ ପ୍ରାୟ ୩୦ ରୁ ଉର୍ଦ୍ଧ୍ୱ ସ୍ଥାନରେ ଏଭଳି ସଙ୍କଟଜନକ ସ୍ଥିତି ଉପୁଜିଛି। ବୈତରଣୀ ନଦୀର ବଳକା ଜଳ ଶାଖା ନଦୀ 'ଗେଙ୍ଗୁଟି' ଦେଇ ପ୍ରବାହିତ ହୋଇଥାଏ। ବର୍ଷା ଋତୁରେ ବୈତରଣୀରେ ଜଳସ୍ତର ବୃଦ୍ଧି ପାଇଲେ ଗେଙ୍ଗୁଟିରେ ହଠାତ୍ ଅତ୍ୟାଧିକ ପାଣି ଆସିଥାଏ। ଏହି ନଦୀଟି ସମ୍ପୂର୍ଣ୍ଣ ଭାବେ ଅଙ୍କାବଙ୍କା ହୋଇଥିବାରୁ ବନ୍ୟା ଜଳର ପ୍ରଚଣ୍ଡ ସ୍ରୋତ ସିଧାସଳଖ ନଦୀବନ୍ଧ ଉପରେ ଚାପ ପକାଇଥାଏ। ପୂର୍ବରୁ ମଧ୍ୟ ବେଲମଳାରୁ ରାମେଶ୍ୱରପୁର ମଧ୍ୟରେ ଏକାଧିକ ବାର ଭୟଙ୍କର ଘାଇ ସୃଷ୍ଟି ହୋଇ ଆଖପାଖ ଅଂଚଳ ଜଳମଗ୍ନ ହୋଇଥିବାର ତିକ୍ତ ଅନୁଭୂତି ରହିଛି। ଏହି ସମ୍ବେଦନଶୀଳ ସ୍ଥିତି ସମ୍ପର୍କରେ ଜଳସମ୍ପଦ ବିଭାଗର ଏସ ଡି ଓ ଶମ୍ଭୁ ନାଥ ମଲିକ କହିଛନ୍ତି, ଆମେ ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛୁ। ବର୍ତମାନ ବର୍ଷା ଦିନ ଚାଲିଥିବାରୁ କାଦୁଅ ଯୋଗୁଁ ସୁଖିଲା ମାଟି ମିଳିବା ସମ୍ଭବ ହେଉନାହିଁ, ଏବଂ ବନ୍ଧର ସ୍ଥାୟୀ ମରାମତି କାମ ମଧ୍ୟ ଏହି ସମୟରେ କରିବା କଷ୍ଟକର। ତେବେ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ତୁରନ୍ତ ଧସିଥିବା ଏବଂ ଘାଇ ହୋଇଥିବା ସ୍ଥାନଗୁଡ଼ିକରେ ବାଲି ବସ୍ତା ପକାଇ ବନ୍ଧକୁ ସୁରକ୍ଷିତ ରଖିବା ପାଇଁ ଜରୁରୀ ପଦକ୍ଷେପ ଗ୍ରହଣ କରାଯାଉଛି। ପ୍ରଶାସନ ତୁରନ୍ତ ଏହାକୁ ଗୁରୁତ୍ୱର ସହ ନେଇ ସ୍ଥାୟୀ ପ୍ରତିକାର କରିବାକୁ ନଦୀକୂଳିଆ ଲୋକମାନେ ଦାବିକରିଛନ୍ତି।

## ରମ୍ଫେଲା ଇବ୍ ବ୍ରିଜରେ ଦିନବେଳା ଭାରୀ ଯାନ ଚଳାଚଳ ବନ୍ଦ, ଜୁଲାଇ ୩୧ ପର୍ଯ୍ୟନ୍ତ କଟକଣା

ଝାରସୁଗୁଡ଼ା,୨୩/୭(ନି/ପ୍ର): ସାଧାରଣ ଲୋକଙ୍କ ସୁରକ୍ଷା, ଯାତାୟାତ ବ୍ୟବସ୍ଥାର ସୁଧାର ଏବଂ ଟ୍ରାଫିକ୍ ଜାମ୍ ସମସ୍ୟାର ସମାଧାନ ପାଇଁ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ରମ୍ଫେଲା ଇବ୍ ବ୍ରିଜ୍ ଉପରେ ଦିନବେଳା ଭାରୀ ଯାନ ଚଳାଚଳ ଉପରେ କଟକଣା ଜାରି କରିଛି। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ କୁଣାଲ ମୋତିରାମ ଚହ୍ୱାଣ ମୋଟର ଯାନ ଅଧିନିୟମ-୧୯୮୮ର ଧାରା ୧୧୫ ଅନୁଯାୟୀ ଏହି ଆଦେଶ ଜାରି କରିଛନ୍ତି। ଆଦେଶ ଅନୁଯାୟୀ ପ୍ରତିଦିନ ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ରମ୍ଫେଲା ଇବ୍ ବ୍ରିଜ୍ ଦେଇ ସମସ୍ତ ପ୍ରକାରର ଭାରୀ ମାଲବାହୀ ଯାନ, ମଲ୍ଟି-ଆକ୍ସେଲ୍ ଟ୍ରକ୍, ଟ୍ରେଲର ଓ ଅନ୍ୟାନ୍ୟ ଭାରୀ ବ୍ୟବସାୟିକ ଯାନ ଚଳାଚଳ ନିଷିଦ୍ଧ ରହିବ। ତେବେ ଅତ୍ୟାବଶ୍ୟକ ସାମଗ୍ରୀ ଏବଂ ଶୀଘ୍ର ନଷ୍ଟ ହେଉଥିବା ଦ୍ରବ୍ୟ ପରିବହନ କରୁଥିବା ଯାନଗୁଡ଼ିକୁ ଏହି କଟକଣାରୁ ଛାଡ଼ ଦିଆଯାଇଛି। ଏହି ନିଷେଧାଦେଶ ଜୁଲାଇ ୧୮ରୁ ଜୁଲାଇ ୩୧ ପର୍ଯ୍ୟନ୍ତ କିମ୍ବା ପରବର୍ତୀ ନିର୍ଦ୍ଦେଶ ଜାରି ହେବା ପର୍ଯ୍ୟନ୍ତ ବଳବନ୍ତର ରହିବ। ଜିଲ୍ଲା ରୋଡ୍ ସେଫ୍ଟି କମିଟିର ସୁପାରିଶ ଆଧାରରେ ଏହି ଦକ୍ଷେ ଗ୍ରହଣ କରାଯାଇଛି। ରମ୍ଫେଲା ଇବ୍ ବ୍ରିଜ୍ ଉପରେ ଦିନବେଳା ଅତ୍ୟଧିକ ଭାରୀ ଯାନ ଚଳାଚଳ ଫଳରେ ବାରମ୍ବାର ଟ୍ରାଫିକ୍ ଜାମ୍ ସୃଷ୍ଟି ହେଉଥିଲା। ଏହା ଯୋଗୁଁ ଆମ୍ବୁଲାନ୍ସ ସମେତ ଜରୁରୀକାଳୀନ ସେବା ବାଧାପ୍ରାପ୍ତ ହେବା ସହ ସଡ଼କ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢ଼ିଯାଉଥିଲା। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏହି କଟକଣା ଲାଗୁ କରାଯାଇଛି। ଜିଲ୍ଲା ପ୍ରଶାସନ ସ୍ପଷ୍ଟ କରିଛି ଯେ, ଏହି ଆଦେଶକୁ ଉଲ୍ଲଂଘନ କରୁଥିବା ଯାନଚାଳକ କିମ୍ବା ମାଲିକଙ୍କ ବିରୋଧରେ ମୋଟର ଯାନ ଅଧିନିୟମ, ୧୯୮୮ ଓ ପ୍ରଚଳିତ ଆଇନ ଅନୁଯାୟୀ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସଫା ହେଉନି ପାଟନାଳୀ ହଜାର ହଜାର ଏକର ଫସଲ ନଷ୍ଟ

କେନ୍ଦ୍ରାପଡ଼ା,୨୩/୭(ନି/ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାରେ ଚାଷୀ ଓ ଚାଷର ସୁରକ୍ଷା ପାଇଁ ରାଜ୍ୟ ସରକାର ଠାରୁ ଆରମ୍ଭ କରି କେନ୍ଦ୍ର ସରକାର ପର୍ଯ୍ୟନ୍ତ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଟଙ୍କାଗୁଡ଼ିକ ଠିକ୍ ବାଟରେ ଖର୍ଚ୍ଚ ନହେବାରୁ ଜିଲ୍ଲାରେ ଚାଷୀ ଅସୁବିଧାର ସମ୍ମୁଖୀନ ହେବାସହ ସେମାନଙ୍କ ଫସଲ ନଷ୍ଟ ହେଉଥିବା ଜିଲ୍ଲାପାଳଙ୍କ ନିକଟରେ ଦୈନିକ ଅଭିଯୋଗ ହେଉଛି। ଅଭିଯୋଗ ମଧ୍ୟରୁ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଗାଙ୍ଗପଡ଼ା ପଂଚାୟତର ପଟ୍ଟାମୁଣ୍ଡାଇ ଠାରୁ ବାହାରିଥିବା କେନାଲ ସୋବଲା ଗ୍ରାମର ଅରୁଆ ବାଳାଶ୍ରମ ଦେଇ ସୋବଲା ଗ୍ରାମ ଦେଇ ଯାଇଥିବା ପାଟନାଳୀରେ ପ୍ରଚୁର ପରିମାଣରେ ଦଳ ଭର୍ତି ହୋଇଥିବାରୁ ସ୍ଥାନୀୟ ଅଂଚଳରେ ଶହ ଶହ ଚାଷୀଙ୍କର ହଜାର ହଜାର ଏକର ଚାଷ ଜମି ଆଣ୍ଠୁଏ ଲେଖା ପାଣି ଛିଡ଼ା ହୋଇଥିବାରୁ ହଜାର ହଜାର ଏକର ଫସଲ ନଷ୍ଟ ହେଉଥିବା ଅଭିଯୋଗ ହେଉଛି। ପ୍ରତିବର୍ଷ ଦଳ ସଫେଇ ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଆଖିଦୃଶିଆ ଭାବେ ଦଳକୁ ଓଲଟ ପାଲଟ କରି ବିଭାଗୀୟ ଅଧିକାରୀମାନେ ଅର୍ଥ ହରିଲୁଟ୍ କରିଥିବା ଅଭିଯୋଗ ହେଉଛି।

